## ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ

# 'ପ୍ରକୃତିକୁ କିଛି ଫେରାଇବାକୁ ସଙ୍କଳ୍ପ ନେବାର ସମୟ ଆସିଛି'

**ରାଉରକେଲା, ୫।୬(ସମିସ)**




ଏକ ଇସ୍ପାତ ଉତ୍ପାଦନକାରୀ ସଂସ୍ଥା ଭାବେ ପରିବେଶ ସୁରକ୍ଷା ପ୍ରତି ଆର୍‌ଏସ୍‌ପିର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। କେବଳ ବିଶ୍ୱ ପରିବେଶ ଦିବସ ପାଳନ କରିବା ମଧ୍ୟରେ ସୀମିତ ନ ରହି ବୃକ୍ଷରୋପଣ, ଶକ୍ତି ସଂରକ୍ଷଣ ଏବଂ ସ୍ଥାୟୀ ଅଭ୍ୟାସ ମାଧ୍ୟମରେ ପ୍ରକୃତିକୁ କିଛି ଫେରସ୍ତ କରିବାକୁ ସଙ୍କଳ୍ପ ନେବାର ସମୟ ଆସିଛି ବୋଲି ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଆଜି ଆୟୋଜିତ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଆରଏସପି ଡିଆଇସି ଆଲୋକ ବର୍ମା ଉପସ୍ଥିତ ଆରଏସପି କର୍ମଚାରୀଙ୍କୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ବର୍ମା ପରିବେଶ ପତାକା ଉତ୍ତୋଳନ କରି ଆସନ୍ତା ପିଢ଼ି ପାଇଁ ଏକ ସବୁଜ ଏବଂ ଉତ୍ତମ ଭବିଷ୍ୟତ ସୁରକ୍ଷିତ କରିବାକୁ ହେଲେ ଆଜି ପରିବେଶର ସୁରକ୍ଷା କରିବା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ।

ଏହି ଅବସରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଖଣି ବିକାଶ) ବି. କେ. ଗିରି, ଇଡି (ଏମଏମ) ଅନିଲ କୁମାର, ଇଡି (ପ୍ରକଳ୍ପ) ଏସ. ପାଲ୍ ଚୌଧୁରୀ, ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ(ସେବା) ଏବଂ କାର୍ଯ୍ୟକାରୀ ଇଡି (କାର୍ଯ୍ୟ) ଏ. ସି. ସରକାର, ସିଜିଏମ (ଆରପିଏଣ୍ଡଇ-ସିଏମଏଲଓ) ଏବଂ କାର୍ଯ୍ୟକାରୀ ଇଡି (ଖଣି) ଜୟଦେବ ଚଟ୍ଟୋପାଧ୍ୟାୟ, ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବା) ଡାକ୍ତର ଜୟନ୍ତ ଆଚାର୍ଯ୍ୟ, ମୁଖ୍ୟ ମହାପ୍ରବନ୍ଧକ (ଏଫ୍‌ଏଣ୍ଡଏ) ତଥା ଇଡି (ଏଫ୍‌ଏଣ୍ଡଏ) ର ଅତିରିକ୍ତ ଦାୟିତ୍ୱରେ ଥିବା ରାଜେଶ ଦାସଗୁପ୍ତାଙ୍କ ସମେତ କାରଖାନାର ଅନେକ ମୁଖ୍ୟ ମହାପ୍ରବନ୍ଧକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉପସ୍ଥିତ ସମସ୍ତଙ୍କୁ ପରିବେଶ ସଙ୍କଳ୍ପ ପାଠ କରାଇଥିଲେ ମୁଖ୍ୟ ମହାପ୍ରବନ୍ଧକ (ଏନପିଏମ ଏବଂ ଡିଜିଟାଲାଇଜେସନ) ଆର. କେ. ମୁଦୁଲି, ଅନିଲ କୁମାର ଏବଂ ବି. କେ. ଗିରି। କର୍ମଚାରୀମାନେ ପରିବେଶ ବ୍ୟାଜ୍ ମଧ୍ୟ ପିନ୍ଧିଥିଲେ। ମହାପ୍ରବନ୍ଧକ ପ୍ରଭାରୀ (ପରିବେଶ ଇଞ୍ଜିନିୟରିଂ) ପି. ସି. ଦାଶ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପରେ ପରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ପୂର୍ବରୁ ଏଲ୍ ଆଣ୍ଡ ଡି ସେଣ୍ଟର ଠାରେ ଆୟୋଜିତ ଏକ ପୁରସ୍କାର ବିତରଣ ସମାରୋହରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କର୍ମଚାରୀ ଏବଂ ବିଭାଗଗୁଡ଼ିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିର୍ବାହୀ ନିର୍ଦ୍ଦେଶକ ବି. କେ. ଗିରି ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏକ ସବୁଜ, ସ୍ୱଚ୍ଛ ଏବଂ ସମୃଦ୍ଧ ଆଗାମୀ କାଲି ପାଇଁ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଏସ୍. ପାଲ୍ ଚୌଧୁରୀ ଏବଂ ଏ. ସି. ସରକାର ଉପସ୍ଥିତ ଥିଲେ। ଏହାପୂର୍ବରୁ ପି. ସି. ଦାସ ବିଶ୍ୱ ପରିବେଶ ଦିବସ ଉପରେ ଏକ ପ୍ରେଜେଣ୍ଟେସନ (ଉପସ୍ଥାପନା) ପ୍ରଦାନ କରିଥିଲେ।

### 'ପରିବେଶ ସୁରକ୍ଷାରେ ଆର୍‌ଏସ୍‌ପିର ଗୁରୁ ଦାୟିତ୍ୱ ରହିଛି'

କର୍ମଚାରୀମାନଙ୍କ ମଧ୍ୟରେ ପୂର୍ବରୁ ଆୟୋଜିତ ପ୍ରବନ୍ଧ ଏବଂ ସ୍ଲୋଗାନ ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। କାର୍ବନ ଫୁଟ୍‌ପ୍ରିଣ୍ଟ୍ (କାର୍ବନ ନିର୍ଗମନ) ହ୍ରାସ କରିବା ଦିଗରେ ନେଇଥିବା ପଦକ୍ଷେପ ପାଇଁ ନ୍ୟୁ ପ୍ଲେଟ୍ ମିଲ୍ ବିଭାଗ ଏବଂ ସିଏସଆର ବିଭାଗକୁ 'ଡି-କାର୍ବୋନାଇଜେସନ ଚାମ୍ପିଅନ' ପୁରସ୍କାର ପ୍ରଦାନ କରାଯାଇଥିଲା। ମହାପ୍ରବନ୍ଧକ (ପରିବେଶ ଇଞ୍ଜିନିୟରିଂ) ଭି. ଭି. ଆର୍. ମୂର୍ତ୍ତି ଏହି ପୁରସ୍କାର ବିତରଣ ଉତ୍ସବର ସଂଯୋଜନା କରିଥିବା ବେଳେ ଇଇଡିର ପ୍ରବନ୍ଧକ ରଜନୀ ପ୍ରଗତି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ମହୁଲ ସଂଗ୍ରହ ବେଳେ ବୃଦ୍ଧାଙ୍କୁ ଦଳିଦେଲା ହାତୀ

**ରାଉରକେଲା, ୫।୬(ସମିସ):** ରାଏବଗା ଅଞ୍ଚଳରେ ମହୁଲ ଫଳ ସଂଗ୍ରହ ପାଇଁ ଜଙ୍ଗଲକୁ ଯାଇଥିବା ଜଣେ ବୃଦ୍ଧାଙ୍କୁ ହାତୀ ଦଳି ଦେବାରୁ ମୃତ୍ୟୁ ଘଟିଛି। ମୃତକ ହେଲେ ଜୟଡେଗା ସାଉନାପଡ଼ା ଗାଁର ଗ୍ଲୋରିଆ ଟୋପ୍ପୋ (୬୫)। ବନ ବିଭାଗ ଓ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ପରିବାର ଲୋକଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ଆଶ୍ୱାସନ ଦେଇଛନ୍ତି।

ସୂଚନା ମୁତାବକ, ଗ୍ଲୋରିଆ ଆଜି ସକାଳ ପ୍ରାୟ ୬ଟାରେ ମହୁଲ ଫଳ ଗୋଟାଇବାକୁ ଜଙ୍ଗଲକୁ ଯାଇଥିଲେ। ସେଠାରେ ଏକ ହାତୀ ହାବୁଡ଼ରେ ପଡ଼ିଯିବାରୁ ହାତୀଟି ତାଙ୍କୁ କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଜୟଡେଗା ସରପଞ୍ଚ ରାଇବୋଗା ପୁଲିସ ଓ ବନ ବିଭାଗକୁ ସୂଚନା ଦେଇଥିଲେ। ପୁଲିସ ଓ ବନ ବିଭାଗ ଅଧିକାରୀମାନେ ପହଞ୍ଚି ମୃତଦେହ ଜବତ କରିବା ସହ ଶେଷକୃତ୍ୟ ପାଇଁ ବନ ବିଭାଗ ପକ୍ଷରୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ପୁଲିସ ମୃତଦେହକୁ



ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବନବିଭାଗ ପକ୍ଷରୁ ସରକାରୀ ଘୋଷଣା ଅନୁଯାୟୀ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି ଆଶ୍ୱାସନା ଦେଇଥିବା ଜଣାପଡ଼ିଛି।

# ଏସ୍‌ଆଇଆର୍ ସଚେତନତା ରଥର ଶୁଭାରମ୍ଭ




**ବଣାଇଁ, ୫।୬(ସମିସ):** ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବଣାଇଁ ଉପଖଣ୍ଡରେ ଗୁରୁବାର ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ବଣାଇଁ ଉପଜିଲ୍ଲାପାଳ ଅଶୋକ କୁମାର ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସ୍ୱାଗତିକା ଦଳପତି, ଡେପୁଟି କଲେକ୍ଟର ଶିବାଙ୍ଗୀ ଆନନ୍ଦ, ବଣାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆ, ସହକାରୀ ଜିଲ୍ଲାପାଳ କୁଳମଣି ଧଳ ଓ ବିକ୍ରାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ରହି ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ବଣାଇଁ ଉପଖଣ୍ଡର ଚାରିଟି ବ୍ଲକର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରି ଭୋଟର ତାଲିକା ସଂଶୋଧନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଯୋଗଦେଇଥିଲେ। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଆକର୍ଷଣୀୟ ରଙ୍ଗୋଲି ପ୍ରଦର୍ଶନ କରି ଏସ୍‌ଆଇଆର୍ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥିଲେ।

## ୨ ପ୍ରେମିକାଙ୍କ ମଧ୍ୟରେ ତୁମୂଳ କାଣ୍ଡ

**ରାଉରକେଲା, ୫।୬(ସମିସ):** 'ଦୋ ଫୁଲ୍ ଏକ ମାଲି'। ତେବେ ଜଣେ ପ୍ରେମିକଙ୍କୁ ପାଇବା ପାଇଁ ୨ ପ୍ରେମିକାଙ୍କ ମଧ୍ୟରେ ତୁମୁଳ କାଣ୍ଡ, ଚୁଟି ଟଣାଟଣି ହୋଇ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା ଜଳଦା ଅଞ୍ଚଳରେ। ଏହି ଘଟଣା ଦେଖିବାକୁ ଦେଖଣାହାରୀଙ୍କ ଭିଡ ଜମିଯିବା ଏବଂ ଉତ୍ତେଜନା ସୃଷ୍ଟି ହେବାରୁ ପୁଲିସର ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଜଣେ ଯୁବକ ୨ ଜଣ ଯୁବତୀଙ୍କୁ ପ୍ରେମ କରୁଥିଲେ। ହେଲେ ପ୍ରେମିକା ଯୁବତୀ ଦ୍ୱୟ ଏ ବିଷୟରେ ଜାଣିନଥିଲେ। ତେବେ ପ୍ରେମିକଙ୍କୁ ଜଣେ ଯୁବତୀଙ୍କ ସହ ଜଳଦା ବଜାରରେ ଅନ୍ୟ ପ୍ରେମିକା ଦେଖି ଦେବାରୁ ଆରମ୍ଭ ହୋଇ ଯାଇଥିଲା ମହାଭାରତ। ଦୁଇ ଯୁବତୀଙ୍କ ମଧ୍ୟରେ ଝଗଡ଼ାପ ଉଗ୍ର ରୂପ ଧାରଣ କରି ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ପୁଲିସ ହସ୍ତକ୍ଷେପ କରିଥିଲା।

## ମହୁଲ ଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର

**ବଣାଇଁ, ୫।୬(ସମିସ):** ବଣାଇ ଥାନା ଅନ୍ତର୍ଗତ ଶିବନାଥପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ମହୁଲ ଗଛରୁ ଉଦ୍ଧାର ହୋଇଛି। ମୃତକ ହେଲେ ଶିଶିର ନାୟକ (୫୦)। ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି।

ସୂଚନା ଅନୁସାରେ, ଗତ ରାତି ପ୍ରାୟ ୯ଟାରେ ପାରିବାରିକ କଳହ ପରେ ସେ ଘରୁ ବାହାରି ଚାଲିଯାଇଥିଲେ। ରାତିସାରା ଆଉ ଘରକୁ ଫେରି ନଥିବାବେଳେ ପରିବାର ଲୋକେ ଖୋଜାଖୋଜି କରିଥିଲେ ବି ପାଇନଥିଲେ। ଶୁକ୍ରବାର ସକାଳେ ଗ୍ରାମ ନିକଟସ୍ଥ ଏକ ମହୁଲ ଗଛରେ ଶିଶିରଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ସ୍ଥାନୀୟ ଲୋକେ ପରିବାର ସଦସ୍ୟଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ବଣାଇଁ ପୁଲିସକୁ ସୂଚନା ଦେବାପରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ତଦନ୍ତ ଆରମ୍ଭ କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି।

## ମହୁଲ ଗଛରୁ ପଡ଼ି ଜଣେ ମୃତ

**କୁତ୍ରା, ୫।୬(ସମିସ):** କୁତ୍ରା ବ୍ଲକ ଲାଞ୍ଜିବେର୍ଣ୍ଣା ଫାଣ୍ଡି ଉଡୁରୁମା ଗ୍ରାମର ଠେପା ଟପ୍ପୋ (୫୬) ଆଜି ଏକ ମହୁଲ ଗଛରେ ଚଢ଼ି ଟୋଲ ବା (ମହୁଲ ଫଳ) ସଂଗ୍ରହ କରୁଥିଲେ। ମାତ୍ର ଗୋଡ଼ ଖସିଯିବାରୁ ଗଛରୁ ଖସିପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ରାଜଗାଙ୍ଗପୁରକୁ ପଠାଇ ବ୍ୟବଚ୍ଛେଦ ପାଇଁ ଶବାଗାରରେ ରଖିଛି। ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି।

# ଡାଲମିଆ ଭାରତ ପକ୍ଷରୁ ୧୧ଶହରୁ ଊର୍ଦ୍ଧ୍ୱ ଚାରାରୋପଣ




**ରାଉରକେଲା, ୫।୬(ସମିସ):** ରାଜଗାଙ୍ଗପୁରରେ ଡାଲମିଆ ଭାରତ ଲିମିଟେଡ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ କର୍ମଚାରୀ, ଛାତ୍ରଛାତ୍ରୀ, ପରିବାର ଓ ସ୍ଥାନୀୟ ସମୁଦାୟର ସଦସ୍ୟଙ୍କ ସମେତ ୨୦୦ରୁ ଅଧିକ ଅଂଶଗ୍ରହଣକାରୀ ଏକତ୍ରିତ ହୋଇଥିଲେ। କମ୍ପାନୀ ପକ୍ଷରୁ ଚାରାରୋପଣ ଓ ପରିବେଶ ସଚେତନତା ଅଭିଯାନର ଆୟୋଜନ କରାଯାଇଥିଲା। ଆଖପାଖ ଅଞ୍ଚଳରେ ୧୧୦୦ରୁ ଅଧିକ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଡାଲମିଆ ବିଦ୍ୟା ମନ୍ଦିର (ଡିଭିଏମ)ର ଛାତ୍ରଛାତ୍ରୀଙ୍କ ପାଇଁ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା, ଟାଉନସିପ ପରିବାରଗୁଡ଼ିକ ପାଇଁ ହୋମ୍ ଗାର୍ଡେନ ଓ ୱେଷ୍ଟ-ଟୁ-ରିସୋର୍ସ ପ୍ରତିଯୋଗିତା ଏବଂ ଏକ ବାର୍ଡ-ନେଷ୍ଟିଙ୍ଗ ଅଭିଯାନ ମଧ୍ୟ ସାମିଲ ହୋଇଥିଲା। ଏକ ଅଭିନବ ପଦକ୍ଷେପ ସ୍ୱରୂପ କମ୍ପାନୀ ପକ୍ଷରୁ ସଚେତନତା ବୃଦ୍ଧି ଓ ଏହାର ସବୁଜ ପଦକ୍ଷେପ ସହ ଯୋଡ଼ି ହେବାକୁ ରାଜଗାଙ୍ଗପୁର ସାଇଟରେ ରୋପଣ କରାଯାଇଥିବା ବୃକ୍ଷଗୁଡିକର କ୍ୟୁଆର କୋଡ୍ ଡିଜିଟାଲ ଡିସ୍‌ପ୍ଲେ ଆରମ୍ଭ କରାଯାଇଥିଲା। ଏହି ଅବସରରେ ଡିସିବିଏଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ରାଜଗାଙ୍ଗପୁରର ୟୁନିଟ୍ ହେଡ୍ ଚେତନ ଶ୍ରୀବାସ୍ତବ କହିଛନ୍ତି, ପରିବେଶର ଯତ୍ନ କେବଳ ପ୍ରକୃତିକୁ ସୁରକ୍ଷା ଦେବା ସହ ଜଡିତ ନୁହେଁ ବରଂ ସ୍ୱଚ୍ଛ ବାୟୁ, ଜଳ ସୁରକ୍ଷା, ଜୈବବିବିଧତା ଓ ଜଳବାୟୁ ସ୍ଥିରତା ଆଦି ସ୍ଥାୟୀ ବିକାଶ ଏବଂ ଭବିଷ୍ୟତ ପିଢିର କଲ୍ୟାଣ ପାଇଁ ମୌଳିକ ଆବଶ୍ୟକତା ଅଟେ।

## ଏସ୍‌ପିସିବି ପକ୍ଷରୁ ପରିବେଶ ଦିବସ



**ରାଉରକେଲା, ୫।୬(ସମିସ):** ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଉରକେଲା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଆଜି ସ୍ଥାନୀୟ ସିଭିକ ସେଣ୍ଟରଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ତଥା ଆଞ୍ଚଳିକ ଅଧିକାରୀ ଡ.ଅନୁପ କୁମାର ମଲ୍ଲିକ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଉରକେଲା ସହରର ବାୟୁ ଗୁଣବତ୍ତା ସ୍ଥିତି ଏବଂ ବିଭିନ୍ନ ପ୍ରକାର ପ୍ରଦୂଷଣ ରୋକିବାକୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଉରକେଲା ଡ଼ିଏଫଓ ରବିକାନ୍ତ ମୀନା ଯୋଗଦେଇ ଜଳବାୟୁ ପରିବର୍ତ୍ତନ କିପରି ପରିବେଶ, ବନ୍ୟପ୍ରାଣୀ ଏବଂ ମଣିଷର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ହିମାଂଶୁ ଭୂଷଣ ସାହୁ ଏବଂ ଫେକ୍ଟ୍ରି ଆଣ୍ଡ ବଏଲର ବିଭାଗ ଡେପୁଟି ଡାଇରେକ୍ଟର ଇଂ. ବିଭୁ ପ୍ରସାଦ ଯୋଗଦେଇ ପରିବର୍ତ୍ତନଶୀଳ ଜଳବାୟୁ ଯୁଗରେ ସ୍ଥିତିସ୍ଥାପକ ଭବିଷ୍ୟତ ପାଇଁ ସ୍ଥାୟୀ ଜୀବନଶୈଳୀ କାର୍ଯ୍ୟପ୍ରଣାଳୀ କେତେ ଆବଶ୍ୟକ ବ୍ୟାଖ୍ୟା କରିଥିଲେ। ରାଉରକେଲା ଇସ୍ପାତ କାରଖାନାର ୟୁଟିଲିଟି ଓ ପରିବେଶ ବିଭାଗ ସିଜିଏମ ଆଶା ସୁନୀଲ କାର୍ଥା, ଏନଆଇଟି ଆଲୁମିନି-ଇଣ୍ଡଷ୍ଟ୍ରି- ଅନ୍ତର୍ଜାତୀୟ ସମ୍ପର୍କ ବିଭାଗ ଡିନ୍ ପ୍ରଫେସର ଏଚ. ବି. ସାହୁ, ସୁପର ସ୍ପେସିଆଲିଟି ହସ୍ପିଟାଲର ମୁଖ୍ୟ ଡାକ୍ତର ଏ. ଜି. ସାମଲ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗୀୟ ଉପ ପରିବେଶ ଯନ୍ତ୍ରୀ ବିଜୟ କୁମାର ଭୋଇ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ପରିବେଶ ବୈଜ୍ଞାନିକ ପ୍ରଜ୍ଞାଜ୍ୟୋତି ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ଉପ ପରିବେଶ ଯନ୍ତ୍ରୀ ଇଂ ରମଣୀ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନତା ସରକାରୀ ଉଚ୍ଚ ବିଦ୍ୟାଳୟକୁ 'ପ୍ରକୃତି ମିତ୍ର' ପୁରସ୍କାର

**ବଣାଇଁ, ୫।୬(ସମିସ):** ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ସୁନ୍ଦରଗଡ଼ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ-୨୦୨୬ ପାଳନ ଅବସରରେ ବଣାଇଁ ବ୍ଲକ ଅନ୍ତର୍ଗତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ରୁଗୁଡ଼ାକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ସୁନ୍ଦରଗଡ଼ ଜିଲ୍ଲା ବନବିଭାଗ ଅଧିକାରୀ ଖୁସୱନ୍ତ ସିଂ (ଡିଏଫ୍‌ଓ) ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁରଲୀଧର ବାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ସଫଳତା ପାଇଁ ପ୍ରଧାନ ଶିକ୍ଷକ ଜନତା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଶ୍ରେୟ ଦେଇଥିବାବେଳେ ବଣାଇଁ ବନଖଣ୍ଡର ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ।

## ସ୍କାନ ଷ୍ଟିଲ୍‌ରେ ବିଶ୍ୱ ପରିବେଶ ଦିବସ

**କୁତ୍ରା, ୫।୬(ସମିସ):** କୁତ୍ରା ବ୍ଲକ ଅନ୍ତର୍ଗତ ବୁଡାକଟାସ୍ଥିତ ସ୍କାନ ଷ୍ଟିଲ ୟୁନିଟ୍-୨ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। କାରଖାନାର ଅଧ୍ୟକ୍ଷ ରାଜେଶ ଗଡ଼ୋଡ଼ିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ କାରଖାନା ପରିସରରେ ବିଭିନ୍ନ ପ୍ରଜାତିର ପ୍ରାୟ ୨୫୦ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ କାରଖାନାର ନିର୍ଦ୍ଦେଶକ ଅଙ୍କୁର ମଦାନ, ସୌରଭ ସେନଗୁପ୍ତା, ଦୀପକ ଶର୍ମା, ଏଲ୍.କେ. ରାମକୃଷ୍ଣ, ଜୟଦୀପ ଘୋଷ, ସରୋଜ ମହାକୁଳ, ସୁବାଷ ମଲ୍ଲିକ, ସନ୍ତୋଷ ପାସୱାନ, ପଙ୍କଜ ଶତପଥୀ, ପ୍ରଶାନ୍ତ ଦଳବେହେରା, ବିନୟ ଝା, ଉତ୍ତମ ଯାଦବ ଓ ବିଟ୍ଟୁ ଠାକୁର ପ୍ରମୁଖ ଉପସ୍ଥିତ ରହି ଗଛ ଲଗାଇଥିଲେ।

### ଆର୍‌ଏସ୍‌ପି ଅଧିକାରୀଙ୍କ ପୁତ୍ରଙ୍କ ସଫଳତା

## ସର୍ବ ଭାରତୀୟ ଜେଇଇ ଆଡଭାନ୍ସଡ୍‌ରେ ୨୯୭ ର୍‍ୟାଙ୍କ

**ରାଉରକେଲା, ୫।୬(ସମିସ):** ରାଉରକେଲା ଇସ୍ପାତ କାରଖାନାର ଏସଏମଏସ -୨ ର ଡେପୁଟି ମ୍ୟାନେଜର ସୁଶାନ୍ତ କୁମାର ପଣ୍ଡା ଏବଂ ପୂର୍ଣ୍ଣିମା ପଣ୍ଡାଙ୍କ ପୁତ୍ର ପୀୟୂଷ ରଞ୍ଜନ ପଣ୍ଡା ଜେଇଇ ଆଡଭାନ୍ସଡ୍ ପରୀକ୍ଷା ୨୦୨୬ରେ ସର୍ବ ଭାରତୀୟ ୨୯୭ ର୍‍ୟାଙ୍କ ରଖିଛନ୍ତି। ଯାହା ଇସ୍ପାତ ସହର ପାଇଁ ଗର୍ବ, ଗୌରବ ଏବଂ ଆରଏସପି ପରିବାର ପାଇଁ ଅପାର ଆନନ୍ଦ ଆଣିଦେଇଛି।



ପୀୟୂଷ ରାଉରକେଲାର ହମିରପୁରସ୍ଥିତ ସେଣ୍ଟ ପଲ୍ସ ସ୍କୁଲରୁ ଦଶମରେ ୯୯.୬% ନମ୍ବର ରଖି ପାସ୍ କରିଥିଲେ। ସେ ଛେଣ୍ଡ ସ୍ଥିତ ଚିନ୍ମୟ ଇଂଲିଶ ମିଡିୟମ ସ୍କୁଲରୁ ନିଜର ଉଚ୍ଚ ମାଧ୍ୟମିକ ଶିକ୍ଷା ଗ୍ରହଣ କରିଥିଲେ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୯୯% ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ନିଜର ଶିକ୍ଷାଗତ ପ୍ରତିଭାର ପ୍ରଦର୍ଶନ କରି ସେ ଜେଇଇ ଆଡଭାନ୍ସଡ୍ ପରୀକ୍ଷାରେ ଚମକିବା ପୂର୍ବରୁ ଜେଇଇ ମେନ୍ସରେ ୯୯.୯୮ର ଏକ ଉଲ୍ଲେଖନୀୟ ପର୍ସେଣ୍ଟାଇଲ୍ ହାସଲ କରିଥିଲେ। ପୀୟୂଷ ଜଣେ ସଫଳ ସଫ୍ଟୱେର୍ ଇଞ୍ଜିନିୟର୍ ହେବାକୁ ଏବଂ ଡିପ୍‌ଟେକ୍ ଗବେଷଣାରେ ସାର୍ଥକ ଅବଦାନ ରଖିବାକୁ ଆଶା ରଖିଛନ୍ତି।

## ସର୍ଗୁ କିଶାନ ଉଚ୍ଚ ବିଦ୍ୟାଳୟ

**କୁତ୍ରା, ୫।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ତୁନମୁରାସ୍ଥିତ ସର୍ଗୁ କିଶାନ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅମରେଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜେଏସଡବ୍ଲୁ ଶିବା ସିମେଣ୍ଟ ସିଏସ୍‌ଆର ବିଭାଗ ଅଧୀକ୍ଷକ ଅଲେଖ କୁମାର ଦଳାଇ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଏବିଇଓ ନିରଞ୍ଜନ ରାଉଳ, ଅବସରପ୍ରାପ୍ତ ଏବିଇଓ ମଦନ ମୋହନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ସାହୁ ତଥା ଅତିଥିମାନେ ପରିବେଶର ସୁରକ୍ଷା ପାଇଁ ସମସ୍ତଙ୍କ ସହଯୋଗର କାମନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ତଥା 'ଏକ ପେଡ୍ ମା କେ ନାମ' ଅଭିଯାନ ଅନ୍ତର୍ଗତ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ବିକାଶ ଟପୋ, ରାମେଶ୍ୱର ଲାକଡା, କିରଣ ଏକ୍କା, ମନଭାଙ୍ଗି ନାଏକ, ଦ୍ରୌପଦୀ ସାହୁ, ପାନୁ ଏକ୍କା ପ୍ରମୁଖ ସହଯୋଗ କରିଥିଲେ।

### ବଣାଇଁ ବନଖଣ୍ଡ ପକ୍ଷରୁ ବିଶ୍ୱ ପରିବେଶ ଦିବସ

## ଗଛ ଲଗାଇ ସବୁଜ ପରିବେଶ ସୃଷ୍ଟିର ବାର୍ତ୍ତା ଦେଲେ କେନ୍ଦ୍ରମନ୍ତ୍ରୀ




**ବଣାଇଁ, ୫।୬(ସମିସ):** ବଣାଇଁ ବନଖଣ୍ଡ ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ ବଣାଇଁର ପ୍ରସିଦ୍ଧ ବାବା ବାଣେଶ୍ୱର ମନ୍ଦିର ପରିସରରେ ଚାରା ରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଛନ୍ତି। ଚାରା ରୋପଣ ପୂର୍ବରୁ ଶ୍ରୀ ଓରାମ ବାବା ବାଣେଶ୍ୱରଙ୍କ ଦର୍ଶନ କରି ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ସେ କେନ୍ଦ୍ର ସରକାରଙ୍କ 'ଏକ ପେଡ଼ ମା' କେ ନାମ ୩.୦' ଚାରା ରୋପଣ ଅଭିଯାନରେ ସାମିଲ ହେବାକୁ ସାଧାରଣ ଲୋକଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବଣାଇଁ ଉପ ଜିଲ୍ଲାପାଳ ଅଶୋକ କୁମାର ଦାସ, ବଣାଇଁ ଏସିଏଫ ଦୁର୍ଯ୍ୟୋଧନ ଜେରେଇ, ବଣାଇଁ ରେଞ୍ଜର ଦେବାଶିଷ ନାୟକ, ବରିଷ୍ଠ ବିଜେପି ନେତା ରମେଶ ଅଗ୍ରୱାଲ, ରାଉରକେଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ଅବିନାଶ ବ୍ରହ୍ମଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

# ୩ ବାଲି ବୋଝେଇ ଟ୍ରକ୍ ଜବତ : ୫ ଗିରଫ

**ରାଉରକେଲା, ୫।୬(ସମିସ)**

ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଏବେ ପାନପୋଷ ଏସ୍‌ଡିପିଓ ସୁଶାନ୍ତ ଦାଶଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଦଳ ବେଆଇନ ଖଣିଜ ସମ୍ପଦ ଓ ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ଉପରେ ଚଢ଼ଉ ଜାରି ରହିଛି। ଗତ ୨ ଦିନ ପୂର୍ବେ ରାଉରକେଲାର ରଘୁନାଥପାଲୀ ପୁଲିସ କେନ୍ଦୁଝରରୁ କଳୁଙ୍ଗାର ଏକ ସ୍ପଞ୍ଜ ଆଇରନ୍ କାରଖାନାକୁ ଚାଲାଣ ହେଉଥିବା ୩୨.୦୯ ଟନ୍ ଚୋରା ଲୁହାପଥର ବୋଝେଇ ଟ୍ରକକୁ ଏହି ଏନଫୋର୍ସମେଣ୍ଟ ଦଳ ଜବତ କରିଥିବା ସହ ୪ ଜଣଙ୍କୁ ଗିରଫ କରିଥିଲା। ଏବେ ବେଆଇନ ବାଲି ଚୋରା ଚାଲାଣ ଉପରେ ଆରମ୍ଭ କରିଛି କାର୍ଯ୍ୟାନୁଷ୍ଠାନ। ଏହି ପରିପ୍ରେକ୍ଷୀରେ ପୁଲିସ ୩ଟି ଚୋରା ବାଲି ବୋଝେଇ ଟ୍ରକକୁ ଜବତ କରିବା ସହ ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ୪ ଜଣ ହେଲେ ହାଇୱା ଚାଳକ ମଣି ସିଂହ (୩୨), ଡମ୍ଫର ଚାଳକ ମହେଶ ଓରାମ(୨୪), ଖଲାସୀ ଅଭିଜିତ ଦେହୁରୀ (୨୫), ନିରଞ୍ଜନ ସିଂହ(୨୭) ଏବଂ ଜଣେ ନାବାଳକ ଚାଳକ। ୨ଟି ବାଲି ବୋଝେଇ ହାଇୱା ଓ ଗୋଟିଏ ଡମ୍ଫର ଜବତ କରିଛି।



ଏ ନେଇ ପାନପୋଷ ଏସଡିପିଓ ଶ୍ରୀ ଦାଶ କହିଛନ୍ତି ଯେ, ଗତ ବିଳମ୍ବିତ ରାତିରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ଯାଞ୍ଚ ଚାଲିଥିବା ବେଳେ ଏକ ବାଲି ବୋଝେଇ ଟ୍ରକ କୁଆଁରମୁଣ୍ଡାରୁ ରାଉରକେଲା ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଦେଖି ପୁଲିସ ଅଟକାଇଥିଲା। ଖସି ପଳାଉଥିବାବେଳେ ପୁଲିସ ଦଳ ପିଛା କରି କୁଆରମୁଣ୍ଡା ପାର୍ଶ୍ୱରେ ଥିବା ଶଙ୍ଖ ବ୍ରିଜ୍ ନିକଟରେ ଏହାକୁ ଅଟକାଇଥିଲେ। ଟ୍ରକ ଚାଳକ ନିକଟରେ କୌଣସି ବୈଧ ଟ୍ରାନଜିଟ୍ ପାସ୍ (ଟିପି) ନ ଥିବାର ଜଣାପଡ଼ିଥିଲା। ଏହାପରେ ପୁଣି ଅଧିକ ଯାଞ୍ଚ କରିବା ପରେ ଆଉ ଗୋଟିଏ ବାଲି ବୋଝେଇ ହାଇୱା ଏବଂ ଗୋଟିଏ ଡମ୍ଫରକୁ ପୁଲିସ ଧରିବାରେ ସଫଳ ହୋଇଥିଲେ। ସେହି ଦୁଇଟି ଗାଡି ବି ବିନା ଟିପିରେ ବାଲି ଚାଲାଣ କରୁଥିଲା। ଉକ୍ତ ୩ଟି ଟ୍ରକ ପ୍ରଧାନପାଲି ବାଲି ଘାଟରୁ ବେଆଇନ ଭାବେ ବାଲି ଲୋଡ୍ କରିଥିଲା। ଏହି ବାଲି ଏହାକୁ ଟିସିଆଇ, ଆଇଡିସି ଏବଂ କୋଇଡା ସମେତ ବିଭିନ୍ନ ସ୍ଥାନକୁ ଆଡକୁ ବେଆଇନ ଭାବେ ପରିବହନ ହେଉଥିଲା ବୋଲି ତଦନ୍ତ ବେଳେ ଜଣାପଡ଼ିଥିଲା। ଏହି ତିନୋଟି ଗାଡିକୁ ଅଟକ ରଖାଯାଇଛି ଏବଂ ଆଇନ ଅନୁଯାୟୀ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ବେଆଇନ ଖଣି ଏବଂ ପରିବହନ ନେଟୱାର୍କର ସମ୍ପୂର୍ଣ୍ଣ ପରିମାଣ ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଛି।

### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

# ବିବାହିତାଙ୍କ ସନ୍ଦେହଜନକ ମୃତ୍ୟୁ

**କର୍ଲାମୁଣ୍ଡା, ୫।୬(ସମିସ):** କର୍ଲାମୁଣ୍ଡା ବ୍ଲକ ରିଷିଡା ଫାଣ୍ଡି ଅଧିନସ୍ଥ ପୌରକେଲାଗ୍ରାମର ଜନୈକ ବିବାହିତା ମହିଳାଙ୍କ ସନ୍ଦେହଜନୈକ ମୃତ୍ୟୁ ହୋଇଥିବା ବେଳେ ମହିଳାଙ୍କ ପରିବାର ଲୋକେ ଏହା ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ମହିଳା ଶାଶୂଘର ଲୋକେ ଆତ୍ମହତ୍ୟା କରିଥିବା କହୁଛନ୍ତି। ପୁଲିସର ସୂଚନା ଅନୁଯାୟୀପୌରକେଲାଗ୍ରାମର ମାଖନ ରଣାଙ୍କ ପୁଅ ସୁବାଷ ୫ବର୍ଷ ତଳେ ବୌଦ୍ଧ ଜିଲ୍ଲାଘଣ୍ଟାପଡ଼ା ଥାନା ପିଟାବାହାଲ ଗ୍ରାମର ଅଲେଖ ରଣାଙ୍କ ଝିଅ ସୁମିତ୍ରାଙ୍କୁ ବିବାହ କରିଥିଲେ। ସେମାନଙ୍କର ଏକ ୪ବର୍ଷର ପୁତ୍ରସନ୍ତାନ ଟିଏ ମଧ ଅଛି। ସୁବାଷ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିବା ଜଣାଯାଇଛି।ତେବେ ଗୁରୁବାର ଅପରାହ୍ନରେ ସୁବାଷଙ୍କ ପରିବାରଲୋକେ ସୁମିତ୍ରାର ବାପାଙ୍କୁ ଫୋନ କରି ତାଙ୍କ ଝିଅ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ଖବର ଦେଇଥିଲେ। ଖବର ପାଇ ସୁମିତ୍ରାର ପରିବାର ସନ୍ଧ୍ୟାରେ ଆସି ପହଞ୍ଚିଥିଲେ। ସୁମିତ୍ରାର ବାପା ତାଙ୍କ ଝିଅକୁ ତାର ଶାଶୂଘର ଲୋକେ ମାରିଦେଇଥିବା ଅଭିଯୋଗ କରି ରାତିରେ ରିଷିଡା ଫାଣ୍ଡିରେ ଅଭିଯୋଗ କରିଥିଲେ। ସୁମିତ୍ରାର ବାପା ଅଲେଖ ରଣାଙ୍କ ଏତଲା ଅନୁଯାୟୀ ତାର ଝିଅକୁ ତାର ଶ୍ୱଶୁର ମାଖନ ରଣା, ଶାଶୂ ବେଦଲା ରଣା, ନଣନ୍ଦ ଗୋଲାପି ଓ ମୋହିନୀ ମିଶି ମାରିଦେଇଛନ୍ତି। ପୂର୍ବରୁ ମଧ ନିର୍ଯାତନା ଦେଉଥିଲେ ବୋଲି ଉଲ୍ଲେଖ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ରିଷିଡା ଫାଣ୍ଡିଧିକାରୀ ମନୁଆ ବିଡିକା ଘଟଣାସ୍ଥଳକୁ ଯାଇ ଅନୁଧାନ କରିବା ସହ ଉକ୍ତ ୪ଜଣଙ୍କୁ ଥାନା କୁ ଆଣିଥିଲେ। ଶୁକ୍ରବାର ସକାଳେ ସାଇଣ୍ଟିଫିକ୍ ଟିମ ସହ କର୍ଲାମୁଣ୍ଡା ଅତିରିକ୍ତ ତହସିଲଦାର ସୁଭେନ୍ଦୁ ପଟେଲ ମ.ରାମପୁର ଥାନାଧିକାରୀ ସଂଯୁକ୍ତା ପଧାନ, ରିଷିଡା ଫାଣ୍ଡିଧିକାରୀ ମନୁଆ ବିଡିକା ଘଟଣା ସ୍ଥଳରେ ପହଞ୍ଚି ଶବ ପଞ୍ଚନାମା କରିଥିଲେ। ପରେ ଶବବ୍ୟବଚ୍ଛେଦ ପାଇଁ ମ.ରାମପୁରକୁ ପଠେଇ ଦିଆଯାଇଥିଲା। ଏନେଇ ମ.ରାମପୁର ଥାନାରେ କେଶନଂ-୧୪୬ରେ ମାମଲା ରୁଜୁ କରାଯାଇଥିବା ବେଳେ ଏସଆଇ କବିତା ବାଗଙ୍କୁ ତଦନ୍ତ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ଅଟକ ବ୍ୟକ୍ତି ମାନଙ୍କୁ ପଚରାଉଚୁରା ଚାଲିଥିବା ପୁଲିସ କହିଛି। ପ୍ରକାଶଥାଉକି ବିଡମ୍ବନା ହେଲା ଯେ ମୃତକ ସୁମିତ୍ରାର ବାପ ଘର ଲୋକେ ଶବକୁ ଛୁଇଁବାକୁ ମନା କରିଥିଲେ।

### ପୁଣି ତାତିଲେ ଚାଷୀ

# ତହସିଲ ଆଗରେ ପୁଣି ଚାଷୀଙ୍କ ଧାରଣା

**କଲମପୁର, ୫।୬(ସମିସ)**



ଗତ ୨ତାରିଖ ଦିନ ବଡକୁଟ୍ଟ ଛକ ଠାରେ ରାସ୍ତା ଅବରୋଧ କରି ଚାଷୀ ଧାରଣା ଦେଇଥିବା ବେଳେ ଶୁକ୍ରବାର କଲମପୁର ତହସିଲ ସମ୍ମୁଖରେ ପୁଣି ଆନ୍ଦୋଳନ ମୁଣ୍ଡ ଟେକିଛି। ବଡକୁଟ୍ଟ ଠାରେ କଟନୀ ଛଟନୀକୁ ନେଇ ଏଭଳି ସମସ୍ୟା ଦେଖା ଦେଇ ଥିବା ବେଳେ କଲମପୁର ଠାରେ ଅଖା ବସ୍ତା ଯୋଗାଣକୁ ନେଇ ଏଭଳି ପରିସ୍ଥିତି ଉପୁଜିଛି। କଲମପୁର ସେବା ସମବାୟ ସମିତି ଅନ୍ତର୍ଗତ ବଙ୍କାପଲା, ଦେପୁର, ଇଚ୍ଛାପୁର, ବରଗାଁ, କଲମପୁର ଓ ପଣ୍ଡିଗାଁ ମଣ୍ଡିରେ ଅଚଳାବସ୍ଥା ଲାଗି ରହିଛି, ଗତମାସ ୨୦ତାରିଖରୁ ମଣ୍ଡି ଆରମ୍ଭ ହୋଇଥିଲେ ମଧ ଦୁଇଦିନ ଧାନ ଉଠାଣ ହୋଇଛି, ବାକି ଦିନ ସବୁ ବିଭିନ୍ନ କାରଣରୁ ମଣ୍ଡିରୁ ଧାନ ଉଠାଣ ହୋଇପାରି ନାହିଁ। ଫଳରେ ଚାଷୀ ଆଜି ରାଜ ରାସ୍ତାକୁ ଓହ୍ଲାଇବାକୁ ବାଧ ହୋଇଛନ୍ତି, ପାଞ୍ଚ ଦଫା ଦାବି ନେଇ ଆଜି ସକାଳରୁ କଲମପୁର ତହସିଲ ସମ୍ମୁଖରେ ଧାରଣା ଦେଇ ବସିଛନ୍ତି। ଏଥି ସହିତ ବ୍ଲକ, ଶିଶୁ ବିକାଶ, ଆରଆଇ, କୃଷି, ପଞ୍ଚାୟତ ବ୍ୟାଙ୍କ ଭଳି ବିଭିନ୍ନ କାର୍ଯ୍ୟାଳୟକୁ ଯାଇ ଆନ୍ଦୋଳନ କାରିମାନେ ଅଫିସ ବନ୍ଦ ରଖିବାକୁ ଅନୁରୋଧ କରିଥିଲେ, ସେମାନଙ୍କ ଦାବି ଥିଲା ଅଖାବସ୍ତା ଯୋଗାଇବା, ଶିଘ୍ର ଶିଘ୍ର ଧାନ ଉଠାଣ କରିବା, ପକ୍ସକୁ ସଫିସେଣ୍ଟ ଟାର୍ଗେଟ ଦେବା, ଅଧିକ ସଂଖ୍ୟକ ମିଲର୍ସ ଟ୍ୟାଗ କରିବା ଓ କଟନି ୫କେଜି ଭିତରେ ସୀମିତ ରଖିବା ପ୍ରଭୃତି ରହିଛି। ବିପିନ ବିହାରୀ ପ୍ରଧାନୀଙ୍କ ଆହ୍ୱାନକ୍ରମେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ରବୀନ୍ଦ୍ର ନାଏକ, ଅଭିରାମ ବାଗ, ଉଗ୍ରସେନ ନାଏକ, ଶ୍ରୀବତ୍ସ ପଣ୍ଡା, ପଙ୍କଜ ଶର୍ମା, ରାଧେଶ୍ୟାମ ଶର୍ମାଙ୍କ ନେତୃତ୍ୱରେ ବଙ୍କାପଲା ଠାରୁ ପାତ୍ରବସା ଯାଏଁ ବିପୁଳ ସଂଖ୍ୟକ ଚାଷୀ ଏହି ସମାବେଶରେ ଯୋଗଦାନ କରିଥିଲେ। ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ ଯୋଗଦେଇ ମୁଁ ଆରମ୍ଭରୁ କହି ଆସୁଛି ଏହା ହେଉଛି ଚାଷୀଙ୍କୁ ଶୋଷଣ କରିବାର ସୁଚିନ୍ତିତ ଯୋଜନା, ଆଗକୁ ଏଭଳି ଅନେକ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ।ଚାଷୀ ମାନେ ଏବେ ଠାରୁ ଏକଜୁଟ ହେବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସୁରକ୍ଷା ଦୃଷ୍ଟିରୁ କଲମପୁର ଥାନା ଅଧିକାରୀ ସୁନିଲ କାଣ୍ଡାଗୋରିଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ଘଟଣାସ୍ଥଳରେ ମୃତୟନ ହୋଇଥିଲେ, ପାକ୍ସ ସଭାପତି ଶଙ୍କର୍ଷଣ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଉପସ୍ଥିତ ଚାଷୀମାନେ ଧାନ ବିକ୍ରୟରେ ଅଚଳାବସ୍ଥାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ତୀବ୍ର ସମାଲୋଚନା କରିଥିଲେ। ଏହି ଧାରଣାକୁ ସମାଧାନ ନିମନ୍ତେ ସ୍ଥାନୀୟ ପ୍ରଶାସନ ଉପରିସ୍ଥ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ, ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କଲମପୁର ବିଡ଼ିଓ ବିଜୟ ମାଣ୍ଡାଙ୍ଗି, ତହସିଲଦାର ସ୍ମରଣିକା ତୁଳ, ଅତିରିକ୍ତ ତହସିଲଦାର ଦେବୀ ପ୍ରସନ୍ନ ଷଡଙ୍ଗୀ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ରାଜାରାମ ହୋତା ପ୍ରମୁଖ ଆନ୍ଦୋଳନରତ ଚାଷୀ ମାନଙ୍କ ସହିତ ଆଲୋଚନା କରିଥିଲେ, ଚାଷୀଙ୍କୁ ଆବଶ୍ୟକ ମୁତାବକ ଅଖାବସ୍ତା ଯୋଗାଇ ଦିଆଯିବ, ମିଲର୍ସଙ୍କ ପରିବର୍ତ୍ତନ ସହିତ ଅଧିକ ମିଲର୍ସ ନିୟୋଜିତ କରାଯିବ, ଧାନ ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### କାଉଡୋଲାରେ ପାଗଳ କୁକୁର ଆତଙ୍କ

# ଆକ୍ରମଣରେ ୩ ଗୁରୁତର

**କୋକସରା, ୫।୬(ସମିସ):** କୋକସରା ବ୍ଲକ କାଉଡୋଲାଗ୍ରାମରେ ଏକ ପାଗଳ କୁକୁରର ଆତଙ୍କ ଦେଖିବାକୁ ମିଳିଛି। କୁକୁର ଆକ୍ରମଣରେ ଶୁକ୍ରବାର ସନ୍ଧ୍ୟାରେ ଗ୍ରାମର ଜଣେ ବୃଦ୍ଧ ଓ ମହିଳାଙ୍କ ସମେତ ୩ ଗୁରୁତର ହୋଇଛନ୍ତି।ସୂଚନା ଅନୁସାରେ, କାଉଡୋଲା ଗ୍ରାମର ଭାସ୍କର ସତନାମୀ(୫୫) ଗାଈ ଚରାଇବାକୁ ଯାଇଥିବା ବେଳେ ହଠାତ୍ ଏକ ପାଗଳ କୁକୁର ତାଙ୍କୁ ଆକ୍ରମଣ କରି ଲହୁଲୁହାଣ କରି ପକାଇଥିଲା। ସ୍ଥାନୀୟ ଲୋକେ ଏହା ଦେଖି ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରିଥିଲେ। ସେହିପରି ଗ୍ରାମର ଜଣେ ମହିଳା ନିଳେନ୍ଦ୍ରୀ ନାଏକ ଶୌଚ ପାଇଁ ନିକଟସ୍ଥ ନଦୀକୁ ଯାଉଥିବା ବେଳେ କୁକୁର ଆକ୍ରମଣର ଶିକାର ହୋଇଥିଲେ।ଗ୍ରାମବାସୀ ଉକ୍ତ ପାଗଳ କୁକୁରକୁ ଗୋଡ଼ାଇବାକୁ ଚେଷ୍ଟା କରିବା ବେଳେ ଗ୍ରାମର ଖଗପତି ମାଝୀ ନାମକ ଜଣେ ଯୁବକଙ୍କୁ ମଧ କାମୁଡ଼ି ଆହତ କରିଥିଲା। ଗ୍ରାମବାସୀ ଓ ପରିବାର ଲୋକେ ଗୁରୁତର ଆହତମାନଙ୍କୁ ତୁରନ୍ତ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ, ସେଠାରେ ସେମାନଙ୍କର ପ୍ରାଥମିକ ଚିକିତ୍ସା କରାଯାଇଛି। ତେବେ ଭାସ୍କର ସତନାମୀଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିବାରୁ ତାଙ୍କ ଅବସ୍ଥା ଉଦ୍‌ବେଗଜନକ ରହିଛି ଏବଂ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭବାନୀପାଟଣାକୁ ସ୍ଥାନାନ୍ତର କରାଯାଇଛି। ପ୍ରଶାସନ ଓ ବନ ବିଭାଗ ତୁରନ୍ତ ଉକ୍ତ ପାଗଳ କୁକୁରକୁ କାବୁ କରିବା ପାଇଁ ଜନସାଧାରଣରେ ଦୃଢ଼ ଦାବି ହୋଇଛି।



### ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୬ଜଣଙ୍କ ମୃତ୍ୟୁ ଘଟଣା

# ଶୋକସନ୍ତପ୍ତ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ

**ମ.ରାମପୁର, ୫।୬ (ସମିସ):** ଗତ ୨୬ତାରିଖ ମଙ୍ଗଳବାର ଦିନ ମ.ରାମପୁର ନିକଟସ୍ଥ ଗୌଡ଼ କରଲାଖୁଣ୍ଟା ଠାରେ ନିର୍ମାଣଧୀନ ପାଇଖାନା ଟାଙ୍କି ସେଣ୍ଟ୍ରିଙ୍ଗ ଖୋଲିବାକୁ ଯାଇ ଶ୍ୱାସରୁଦ୍ଧ ହୋଇ୬ଜଣକର ମୃତ୍ୟୁ ହୋଇଥିଲା। ସେଥିରେ ଗୋଟିଏ ପରିବାରର ବାପା ଓ ପୁଅ, ଶଳା, ଭିଣୋଇ ଥିବା ବେଳେ ଆଉ ଜଣେ ହାତୀଖୋଜ ଗାଁର ପଙ୍କଜ ଯାନି ଗୁରୁତର ହୋଇଥିଲେ।ଏହି ଦୁଃଖଦ ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳି ଯାଇଥିଲା। ଶୁକ୍ରବାର ଏକାଦଶାହ ଦିନରେ ନର୍ଲା ବିଧାୟିକା ମନୋରମା ମହାନ୍ତି ମୃତକ ୬ଜଣ ପରିବାର ବର୍ଗଙ୍କୁ ସାକ୍ଷାତ କରି ସମବେଦନା ଜଣାଇବା ସହ ପରିବାରବର୍ଗଙ୍କୁ ୨୦ହଜାର ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରିଛନ୍ତି। ଏଥି ସହିତ ପରିବାରର ଅସହାୟ ପୁଅ ଓ ଝିଅଙ୍କ ଉଚ୍ଚ ଶିକ୍ଷା ପାଇଁ ସହଯୋଗର ହାତ ବ?ାଇବେ ବୋଲି ବିଧାୟିକା ଶ୍ରୀମତୀ ମହାନ୍ତି ପ୍ରତିଶ୍ରୁତି ଦେଇଛନ୍ତି। ସାକ୍ଷାତ ସମୟରେ ବିଜୁ ଜନତା ଦଳ ବ୍ଲକ ସଭାପତି ସତ୍ୟ ନାରାୟଣ ସାହୁ, ବିଜୁ ମହିଳା ଜନତା ଦଳ ବ୍ଲକ ସଭାନେତ୍ରୀ ତୁଳସୀ ବିଶି, ରାଜ୍ୟ ସରପଞ୍ଚ ସଂଘ ସଭାପତି ରୋମାଞ୍ଚ ସାହୁ, ବିଜୁ ଜନତା ଦଳ ଜିଲ୍ଲା ସମ୍ପାଦକ ରଜନୀକାନ୍ତ ମହାଖୁଡ଼, ଯୁବ ନେତା ପ୍ରଦୀପ ପାଣିଗ୍ରାହୀ, ଶୈଳେଶ ବିଶି, ସାମ୍ବାଦିକ ଅଭିରାମ ନନ୍ଦ, ଲକ୍ଷଣ ସ୍ୱାଇଁ, ଶୁଭେନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



### ବିଶ୍ୱ ପରିବେଶ ଦିବସ

# ପ୍ରକୃତି ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ

**ନୂଆପଡ଼ା, ୫।୬(ସମିସ):** ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଆନୁକୂଲ୍ୟରେ ଏବଂ ନୂଆପଡ଼ା ଜିଲ୍ଲା ପ୍ରଶାସନର ସହଯୋଗରେ ବିଶ୍ୱ ପରିବେଶ ଦିବସପାଳିତ ହୋଇଯାଇଛି। ଚଳିତ ବର୍ଷ ବିଷୟବସ୍ତୁ ଥିଲା'ପ୍ରକୃତି ପାଇଁ, ଜଳବାୟୁ ପାଇଁ, ଆମ ଭବିଷ୍ୟତ ପାଇଁ'ଏହି ଅବସରରେ ସକାଳେ କଲେକ୍ଟରେଟ ପରିସରରୁ କେନ୍ଦ୍ରୀୟ ବିଦ୍ୟାଳୟ ପର୍ଯ୍ୟନ୍ତ ସଚେତନତାମୂଳକ ସାଇକ୍ଲୋଥନ୍ ଆୟୋଜିତ ହୋଇଥିଲା। ପରେ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ 'ଏକ ପେଡ଼ ମା' କେ ନାମ' ଅଭିଯାନ ଅଧୀନରେ ବୃକ୍ଷରୋପଣ କରାଯାଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂଆପଡ଼ା ବିଧାୟକ ଜୟ ଢୋଲକିଆ କହିଥିଲେ ଯେ ବିକାଶ ଓ ପରିବେଶ ସୁରକ୍ଷା ପରସ୍ପର ପରିପୂରକ। ଜିଲ୍ଲାପାଳ ମଧୁସୂଦନ ଦାଶ କହିଥିଲେ'ଗଛ ବଞ୍ଚିଲେ ଆମେ ବଞ୍ଚିବା। ପ୍ରକୃତିକୁ ସୁରକ୍ଷା ଦେବା ଅର୍ଥ ଆମ ଭବିଷ୍ୟତକୁ ସୁରକ୍ଷା ଦେବା ବୋଲି ପରାମର୍ଶ ଦେଇଥିଲେ।ଅବସରରେ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ, ଖଡ଼ିଆଳ ବନଖଣ୍ଡ ଅଧିକାରୀ ଏମ୍. ଅଜିଜ୍ ଖାନ, ସୁନାବେଡ଼ା ଅଭୟାରଣ୍ୟ ବନଖଣ୍ଡ ଅଧିକାରୀ ସମୀର କୁମାର ସାହୁ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ନବନୀତା ଦାସ, ମୁଖ୍ୟଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ସିଆରପିଏଫ୍‌ର ଦ୍ୱିତୀୟ କମାଣ୍ଡାଣ୍ଟ ଏରିକ୍ ଗିଲବର୍ଟ ଜୋସେ, ୧୯ ବାଟାଲିୟନ କମାଣ୍ଡାଣ୍ଟ ଦୀପକ ମଣି ତ୍ରିପାଠୀ, ବିଭିନ୍ନ ବିଭାଗର ଅଧିକାରୀ, ଛାତ୍ରଛାତ୍ରୀ ଓ ଗଣମାଧମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗାୟତ୍ରୀ ପଣ୍ଡା, ଘନଶ୍ୟାମ କରୁଆଁ, ନରେଶ ମେହେର ଓ କ୍ଷୀରୋଦ ବନ୍ଧିଛୋରଙ୍କୁ 'ପ୍ରକୃତି ବନ୍ଧୁ' ସମ୍ମାନ, ଖଡ଼ିଆଳ ଡିଗ୍ରୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ଡ଼. ଲିଜା ଆଚାର୍ଯ୍ୟଙ୍କୁ 'ପ୍ରକୃତି ମିତ୍ର' ସମ୍ମାନ ଏବଂ ଖୋଲିଭିତର ଗ୍ରାମକୁ 'ପ୍ରକୃତି ଗ୍ରାମ' ସମ୍ମାନ ପ୍ରଦାନ କରାଯାଇଥିଲା।




# ଗଛପଡ଼ି ଦୁଇଦିନ ହେଲା ରାସ୍ତା ଅବରୋଧ



**ଖଡ଼ିଆଳ, ୫।୬(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଖାସବାହାଲ ପଞ୍ଚାୟତର ଚଚରାଭଟା ଗ୍ରାମ ଓ ନୂଆରାଜପୁର ଦୁଇଟି ଗ୍ରାମର ମଝିରେ ଥିବା ପ୍ରଧାନମନ୍ତ୍ରୀ ରାସ୍ତା ଉପରେ ଗତ ଦୁଇ ଦିନ ପୂର୍ବେ ହୋଇଥିବା କାଳବୈଶାଖି ପ୍ରଭାବରେ ହୋଇଥିବା ପ୍ରବଳ ବର୍ଷା, ପବନରେ ରାସ୍ତା ପାର୍ଶ୍ୱରେ ଥିବା ବମ୍ବୁର ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିଛି। ଫଳରେ ମୁଖ୍ୟ ରାସ୍ତା ଦୁଇ ଦିନ ହେଲା ଅବରୋଧ ରହିଛି। ଏହି ଅଞ୍ଚଳ ସମ୍ପୂର୍ଣ୍ଣ ଜଙ୍ଗଲ ଘେରା ମଧରେ ଥିବାରୁ କୌଣସି ସରକାରୀ ଅଧିକାରୀଙ୍କ ନଜରକୁ ଆସୁନାହିଁ। ଫଳରେ ରାସ୍ତା ଉପରେ ପଡ଼ିଥିବା ଗଛ ରାସ୍ତାରୁ ହଟି ପାରୁନାହିଁ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ଦୁଇ ଦିନ ହେଲା ରାସ୍ତାରେ ଗଛ ପଡ଼ି ଅବରୋଧ ହୋଇଥିବାରୁ ବିଶେଷ କରି ରୋଗୀ ସେବାରେ ଲାଗୁଥିବା ଆମ୍ବୁଲାନ୍ସ ଯାଇପାରୁ ନାହିଁ। ତେଣୁ ଏ ଅଞ୍ଚଳର ରୋଗୀ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ଖାସବାହାଲ ପଞ୍ଚାୟତ ମଧ ରାସ୍ତାରୁ ଭଙ୍ଗା ଗଛ ହଟାଇବାକୁ ଧାନ ଦେଉନଥିବାରୁ ଜନସାଧାରଣଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତାରୁ ଭଙ୍ଗା ଗଛ ହଟାଇ ଅଞ୍ଚଳଙ୍କ ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି।

# ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ

**ଭବାନୀପାଟଣା, ୫।୬ (ସମିସ):** କଳାହାଣ୍ଡି ଜିଲ୍ଲା ବନ ବିଭାଗ ପକ୍ଷରୁ ଭବାନୀପାଟଣା ସରକାରୀ ବାଳିକା ବିଦ୍ୟାଳୟ ପରିସରରେ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଏବଂ ପ୍ରକୃତିର ସଂରକ୍ଷଣ ଦିଗରେ ନିରବଚ୍ଛିନ୍ନ ଅବଦାନ ପାଇଁ ପ୍ରକୃତି ବନ୍ଧୁ ଓ ପ୍ରକୃତିମିତ୍ର-୨୦୨୬ ପୁରସ୍କାର ପ୍ରଦାନ କରାଯାଇଥିଲା। କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର ୨୦୨୬ଙ୍କୁ ସମ୍ମାନିତ କରିଥିଲେ। କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ପ୍ରଧାନ, ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼, ଦକ୍ଷିଣ ବନଖଣ୍ଡ ଡିଏଫଓ ଆର କଲେଇଭାଳନ, ଉତ୍ତର ବନଖଣ୍ଡ ଡିଏଫଓ ପ୍ରଭାକର କୁମାର ବର୍ମା, ସିଆରପିଏଫ୍ କମାନଡେଣ୍ଟ ଅଜୟ କୁମାର, ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଅତିରିକ୍ତ ଶିକ୍ଷା ଅଧିକାରୀ ରୂପ ସିଂ ରାଉତ, ପରିବେଶବିତ ରବି ପଟ୍ଟନାୟକ ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଧର୍ମଗଡ଼ ବ୍ଲକ କାଙ୍କେରି ଗ୍ରାମର ମହେଶ୍ୱର ସୁନାନୀ, ଭବାନୀପାଟଣାର ରାଜୁ କୁମାର ସାହୁ, ଜୟପାଟଣା ବ୍ଲକ ଘଣ୍ଟିଗୁଡ଼ାର ଲଳିତ କୁମାର ନାଏକ, ଜୁନାଗଡ଼ ବ୍ଲକ କୁଲିହାରୀର ବିଜୟ କୁମାର ପାଢ଼ୀ, କଲମପୁର ବ୍ଲକ ବଳାଗାଁର ପ୍ରହ୍ଲାଦ ବେହେରା, କେସିଙ୍ଗା ବ୍ଲକ କିନେରକେଳାର ପୁଷ୍ପାଞ୍ଜଳି ମିଶ୍ର, କୋକସରା ବ୍ଲକ ଗମ୍ଭାରୀଗୁଡାର ଦୁର୍ମନ୍ୟ ଶବର, ମଦନପୁର ରାମପୁର ବ୍ଲକ ଦୁର୍ଲାଦାନିର କୋଦଣ୍ଡ ବଗର୍ତ୍ତୀ, ନର୍ଲା ବ୍ଲକ ସରିଆଁର ଟଙ୍କଧର ସାହୁ, ଥୁଆମୂଳରାମପୁର ବ୍ଲକ କନ୍ଧବାନ୍ଦୋପଲାର ଡୋଳାମଣି ସାହୁଙ୍କୁ ୨୦୨୬ର ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ଭବାନୀପାଟଣା ବ୍ଲକ ଡୁମେରବାହାଲ ୟୁପିସ୍କୁଲ, ଧର୍ମଗଡ଼ ବ୍ଲକ ସେମଲାର ରାମକୃଷ୍ଣ ଯୁବକ ସଂଘ, ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗର ପିଏମଶ୍ରୀ ହାଇସ୍କୁଲ, ଜୁନାଗଡ଼ର ସରକାରୀ ଉଚ୍ଚ ବିଦ୍ୟାଳୟ, ମଦନପୁର ରାମପୁର ବ୍ଲକ ଜୁରାଖମନ ର ସେବା ଜଗତ, ନର୍ଲା ବ୍ଲକର ନର୍ଲାରୋଡ ସ୍ଥିତ ଜୟଦୁର୍ଗା ହାଇସ୍କୁଲକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି।




# ବଜ୍ରପାତରେ ବଳଦର ମୃତ

**ଗୋଲାମୁଣ୍ଡା, ୪।୬(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ବୃନ୍ଦାବାହାଲ ପଞ୍ଚାୟତର ବୈଜଲପୁର ଗ୍ରାମରେ ବଜ୍ରପାତ ଘଟି ଏକ ବଳଦର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।ମିଳିଥିବା ସୂଚନା ଅନୁଯାୟୀ, ବୈଜଲପୁର ଗ୍ରାମର ଜଣେ ସାଧାରଣ ଚାଷୀ ପୁରୁଷୋତ୍ତମ ଭାଟିଙ୍କ ବଳଦ ଶୁକ୍ରବାର ଅପରାହ୍ନ ପ୍ରାୟ ଚାରିଟା ସମୟରେ ବାହାରେ ଥିଲା। ଏହି ସମୟରେ ପ୍ରବଳ ବର୍ଷା ଓ ଘଡ଼ଘଡ଼ି ସହିତ ବଜ୍ରପାତ ହେବାରୁ ବଳଦଟିର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା।ପ୍ରଶାସନ ପକ୍ଷରୁ ତୁରନ୍ତ ଏହି ଘଟଣାର ତଦନ୍ତ କରାଯାଇ ଗରିବ ଚାଷୀ ପୁରୁଷୋତ୍ତମ ଭାଟିଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବା ପାଇଁ ସ୍ଥାନୀୟ ଲୋକେ ଦୃଢ଼ ଦାବି କରିଛନ୍ତି।ଏ ସମ୍ପର୍କରେ ଗୋଷ୍ଠୀ ପ୍ରାଣୀ ସମ୍ପଦ ଚିକିତ୍ସକ ମଞ୍ଜୁଲତା ବାଗଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲା ଘଟଣାର ସରଜମିନ ତଦନ୍ତ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ବୃଦ୍ଧାଙ୍କୁ ଟଙ୍କା ଫେରାଇଲା ପୁଲିସ

**କର୍ଲାମୁଣ୍ଡା, ୫।୬(ସମିସ):** ପୁଲିସ କଠୋର ତା ପାଇଁ ପରିଚିତ ହେଲେ ରିଷିଡା ପୁଲିସ ଫାଣ୍ଡି ଅଧିକାରୀ ମନୁଆ ବିଡ଼ିକା ଏକ ମଣିଷପଣିଆର କାର୍ଯ୍ୟକରି ଜନସାଧାରଣଙ୍କ ପ୍ରଶଂସାରପାତ୍ର ହୋଇଛନ୍ତି। ଶ୍ରୀ ବିଡ଼ିକା ଆସିଲା ଦିନଠୁଁ ଅନେକ ଲୋକଙ୍କ ହରାଇଥିବା ସୁନା, ଟଙ୍କା ଆଦି ଉଦ୍ଧାର କରି ବେଶ ଚର୍ଚ୍ଚିତ ଅଛନ୍ତି। ପୁଣି ଅଞ୍ଚଳରେ ମାଫିଆଙ୍କୁ ସାବଡ କରିବା, ବେଆଇନ କାର୍ଯ୍ୟକଳାପ ରୋକିବାରେ ସଫଳ ହୋଇଛନ୍ତି। ପୌରକେଲା ପଞ୍ଚାୟତ ବୁଢ଼ିପଦର ଗ୍ରାମର ରାଜନା ଭୋଇ ୭୦ ବର୍ଷର ଜଣେ ବୃଦ୍ଧା ଦୁଇବର୍ଷ ତଳେ ୫ହଜାର ଟଙ୍କା ଠକାମୀର ଶିକାର ହୋଇଥିବା ଅଭିଯୋଗ ପରେ ଶ୍ରୀ ବିଡ଼ିକା ତୁରନ୍ତ ପଦକ୍ଷେପ ନେଇ ଅଭିଯୁକ୍ତ ଠାରୁ ଟଙ୍କା ଆଦାୟକରି ବୃଦ୍ଧାଙ୍କ ଘରକୁ ପୁଲିସ ଟିମ୍ ପଠାଇ ବୃଦ୍ଧାଙ୍କୁ ଟଙ୍କା ପ୍ରଦାନ କରିଛନ୍ତି।

### ମାଁ ମହାକାଳ ନକ୍‌ଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ପୋଖରୀ ଗାଁକୁ ହରାଇ ଡାଙ୍ଗବାଡ଼ି ବିଜୟୀ

**ଲାଞ୍ଜିଗଡ଼, ୫।୬(ସମିସ)**



କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତସ୍ଥିତ ପୋଖରୀବନ୍ଧ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ମାଁ ମହାକାଳ ନକଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟିତ ଦିବସରେ ମୁଖ୍ୟଅତିଥି ଭାବେ ବିଶ୍ୱନାଥପୁର ମାଁ ହୀରାନିଳା ସ୍ନାତକ ମହାବିଦ୍ୟାଳୟର ବରିଷ୍ଠ ଅଧାପକ ଡ଼ଃ ରମେଶ ଚନ୍ଦ୍ର ସାହୁ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ପୋଖରୀବନ୍ଧ ସରପଞ୍ଚ ସସ୍ମିତା ମାଝୀ, ସମ୍ମାନିତ ଅତିଥି ଭାବରେ ପୋଖରୀବନ୍ଧ ଗାଁ ଗୌଣ୍ଟିଆ କୁଳମଣୀ ବାଣୁଆ, ସମାଜସେବୀ ସନାତନ ବିଶି, କର୍ଣ୍ଣ ମାଝୀ, ଶଙ୍କର ପ୍ରଧାନୀ, ଜୟମୁନୀ ବେହେରା ଯୋଗଦେଇଥିଲେ। ଆଜିର ଉଦ୍‌ଘାଟନୀ ମ୍ୟାଚ୍ ଡାଙ୍ଗବାଡ଼ି ଓ ପୋଖରୀ ଗାଁ ମଧ୍ୟରେ ହୋଇଥିବା ବେଳେ ପ୍ରଥମେ ପୋଖରୀ ଗାଁ ଟସ୍ ଜିତି ନିର୍ଦ୍ଧାରିତ ୧୦ ଓଭରରେ ୮ ୱିକେଟ ହରାଇ ୯୬ ରନ କରିଥିଲା। ଜବାବରେ ଡାଙ୍ଗବାଡ଼ି ୯ ଓଭର ୩ଟି ବଲରେ ୮ ୱିକେଟ ହରାଇ ୯୭ ରନ କରି ବିଜୟ ଲାଭ କରିଥିଲା। ମ୍ୟାଚ୍‌କୁ ସୁଶାନ୍ତ ମାଝୀ, ରଞ୍ଜିତ ମାଝୀ ଖେଳ ପରିଚାଳନା କରିଥିବାବେଳେ ଧାରା ବିବରଣୀ ସୁମନ୍ତ ବାଣୁଆ ଓ ସ୍କୋର ବୋର୍ଡ ଦାଇତ୍ୱ ବୈରାଗୀ ବିଭାର ତୁଲାଇଥିଲେ। ଏଥିରେ ମାଁ ମହାକାଳ ଆୟୋଜକ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ବିଭିନ୍ନ ଦାଇତ୍ୱ ତୁଲାଉଛନ୍ତି। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇ ଥିବା ବେଳେ ଆସନ୍ତା ୧୩ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ତରଫରୁ ସୂଚନା ମିଳିଛି।

### ଭୁଲ୍ ବହି ଫ୍ଲିପକାର୍ଟକୁ ମହଙ୍ଗା ପଡ଼ିଲା

# ଗ୍ରାହକଙ୍କୁ ୧.୩୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବ

**ଭବାନୀପାଟଣା, ୫।୬(ସମିସ):** ଗ୍ରାହକଙ୍କୁ ସଠିକ ବହି (ପୁସ୍ତକ) ନ ପଠାଇ ଭୁଲ ବହି ପଠାଇବା ଘଟଣା ଫ୍ଲିପକାର୍ଟକୁ ମହଙ୍ଗା ପଡ଼ିଛି। ଏହି ମାମଲାରେ କଳାହାଣ୍ଡି ଜିଲ୍ଲା ଉପଭୋକ୍ତା ବିବାଦ ନିବାରଣ କମିଶନ (ଖାଉଟି ଅଦାଲତ)ରେ ଗୁରୁବାର ଫ୍ଲିପକାର୍ଟ ଇ-କମର୍ସ କମ୍ପାନୀ ଦଣ୍ଡିତ ହୋଇଛି।ସେବାରେ ତ୍ରୁଟି ଏବଂ ଅନ୍ୟାୟ ବ୍ୟବସାୟିକ ପ୍ରଥା ଅବଲମ୍ବନ ପାଇଁ ଦାୟୀ କରି କମିଶନ ଫ୍ଲିପକାର୍ଟକୁ ୧.୩୫ଲକ୍ଷ ଟଙ୍କା ଜରିମାନା କରି ଉପଭୋକ୍ତାଙ୍କ ଅଧିକାର ସୁରକ୍ଷାରେ ଦୃଢ଼ ସନ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ଉମାକାନ୍ତ ନିଆଲ ପିଜି ପ୍ରବେଶିକା ପ୍ରସ୍ତୁତି ନିମନ୍ତେ ଫ୍ଲିପକାର୍ଟ ମାଧମରେ ଏକ ପୁସ୍ତକ(ବହି) ଅର୍ଡର କରିଥିଲେ। କିନ୍ତୁ ଅର୍ଡର କରାଯାଇଥିବା ପୁସ୍ତକ ପରିବର୍ତ୍ତେ ଫ୍ଲିପକାର୍ଟ ଦୁଇଥର ତାଙ୍କୁ ଭୁଲ ପୁସ୍ତକ ପଠାଇଥିଲା। ଫଳରେ ସେ ପରୀକ୍ଷା ପାଇଁ ଯଥେଷ୍ଟ ପ୍ରସ୍ତୁତି କରିପାରିନଥିଲେ ଏବଂ ଏହା ତାଙ୍କ ଶିକ୍ଷାଗତ ଭବିଷ୍ୟତ ଉପରେ ପ୍ରଭାବ ପକାଇଥିଲା। ଏହା ପରେ ଉମାକାନ୍ତ ଖାଉଟି ଅଦାଲତରେ ମାମଲା ରୁଜୁ କରିଥିଲେ। ମାମଲାର ଶୁଣାଣି ସମୟରେ କମିଶନ ଅଶ୍ୱିନୀ କୁମାର ପାତ୍ର ଓ ସଦସ୍ୟା ଜୋସ୍ନାରାଣୀ ମିଶ୍ର ଦେଖିଥିଲେ ଯେ, ଦୁଇଥର ଭୁଲ ପୁସ୍ତକ ପଠାଯିବା ସେବାରେ ତ୍ରୁଟି ଓ ଉପଭୋକ୍ତାଙ୍କ ସହ ଅନ୍ୟାୟ ବ୍ୟବସାୟିକ ପ୍ରଥା (?ାର୍କ ପେଟେଣ୍ଟ) ଅବଲମ୍ବନ କରାଯାଇଥିବା, ଯାହାକି ଉପଭୋକ୍ତାଙ୍କ ଅଧିକାରଙ୍କ ଉଲ୍ଲଂଘନ କରେ। ତେଣୁ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ଅଭିଯୋଗକାରୀଙ୍କୁ ପୁସ୍ତକ ମୂଲ୍ୟ ଏବଂ ପ୍ରବେଶିକା ପରୀକ୍ଷା ଫି ବାବଦରେ ୭୩୫ ଟଙ୍କା ଫେରସ୍ତ କରାଯିବ। ଏହାସହ ଶିକ୍ଷାଗତ କ୍ଷତି ପାଇଁ ୧ ଲକ୍ଷ ଟଙ୍କା, ମାନସିକ ଯନ୍ତ୍ରଣା ପାଇଁ ୨୫ ହଜାର ଟଙ୍କା ଏବଂ ମକଦ୍ଦମା ଖର୍ଚ୍ଚ ବାବଦରେ ୧୦ହଜାର ଟଙ୍କା ପ୍ରଦାନ କରିବାକୁ ଫ୍ଲିପକାର୍ଟ ଓ ବିକ୍ରେତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହିପରି ମୋଟ ୧, ୩୫, ୭୩୫ ଟଙ୍କା କ୍ଷତିପୂରଣ ୩୦ ଦିନ ମଧ୍ୟରେ ପ୍ରଦାନ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଧାରିତ ସମୟମଧ୍ୟରେ ଆଦେଶ ପାଳନ ନ କଲେ ବାର୍ଷିକ ୧୨ ପ୍ରତିଶତ ସୁଧ ଦେବାକୁ ପଡ଼ିବ ବୋଲି କମିଶନ ନିଜ ରାୟରେ ଉଲ୍ଲେଖ କରିଛନ୍ତି।ଅନ୍ୟପକ୍ଷରେ, ଶିକ୍ଷା କ୍ଷେତ୍ରରେ ଅନଲାଇନ୍ ମାଧମରେ ପାଠ୍ୟସାମଗ୍ରୀ କ୍ରୟ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏହି ରାୟ ଏକ ସଚେତନତା ମୂଳକ ବାର୍ତ୍ତା।

# କଲ୍ୟାଣ ମଣ୍ଡପ ପାଇଁ ସ୍ଥାନ ଚିହ୍ନଟକୁ ନେଇ ବିବାଦ



## ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

## ସରପଞ୍ଚ ମନଇଚ୍ଛା ସ୍ଥାନ ନିରୂପଣ କରିଥିବା ଅଭିଯୋଗ

## ଅଭିଯୋଗକୁ ଖଣ୍ଡନ କଲେ ସରପଞ୍ଚ

ଝାରସୁଗୁଡା,୫।୬(ସମିସ)

ଝାରସୁଗୁଡ଼ା ଜିଲ୍ଲା ଲୋଇସିଂହ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାରଖଣ୍ଡିଆ ଗ୍ରାମରେ କଲ୍ୟାଣ ମଣ୍ଡପ ନିର୍ମାଣକୁ ନେଇ ବିବାଦ ଦେଖାଦେଇଛି। ଏମ୍‌ସିଏଲ ସିଏସ୍‌ଆର ଫଣ୍ଡ ଅନୁଦାନରୁ ବାରଖଣ୍ଡିଆ ଗ୍ରାମରେ ନିର୍ମାଣ ହେବାକୁ ଥିବା କଲ୍ୟାଣମଣ୍ଡପର ସ୍ଥାନ ଚୟନକୁ ନେଇ ଲୋଇସିଂହ ସରପଞ୍ଚ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ବାରଖଣ୍ଡିଆ ଗ୍ରାମର ଶତାଧିକ ଗ୍ରାମବାସୀଙ୍କ ପକ୍ଷରୁ ଶୁକ୍ରବାର ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାଣଙ୍କୁ ଭେଟି ଗ୍ରାମବାସୀଙ୍କ ସର୍ବାଧିକ ସମ୍ମତି ଥିବା ଖାତା ନମ୍ବର-୧୪୨ର ୫୬୪ ନମ୍ବର ପ୍ଲଟରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଦାବି କରିବା ସହିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗ୍ରାମରେ ଏହି କଲ୍ୟାଣମଣ୍ଡପ ନିର୍ମାଣ ହେଲେ ଭବିଷ୍ୟତରେ ବିବାହ, ସାମାଜିକ ସଭା, ଜନସଚେତନତା ଶିବିର ଓ ବିଭିନ୍ନ ଜନହିତକର କାର୍ଯ୍ୟର କେନ୍ଦ୍ରବିନ୍ଦୁ ହେବ। ନିର୍ମାଣ ହେବାକୁ ଥିବା କଲ୍ୟାଣ ମଣ୍ଡପ ପାଇଁ କିଛି ବ୍ୟକ୍ତି ତଥା ଲୋଇସିଂହ ସରପଞ୍ଚ ଖାତା ନମ୍ବର ୧୪୨ ର ୭୩୮ ନମ୍ବର ପ୍ଲଟରେ କରିବାକୁ ଏକ ପୁରୁଣା କ୍ଲବ ଘରକୁ ଭାଙ୍ଗି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସରପଞ୍ଚଙ୍କ ଦ୍ୱାରା ନିରୂପଣ କରାଯାଇଥିବା ସ୍ଥାନଟି ଅଧିକାଂଶ ଜନସାଧାରଣଙ୍କ ପାଇଁ ସୁବିଧାଜନକ ନୁହେଁ ଏବଂ ଏହା ଗ୍ରାମର ସାମୂହିକ ମତାମତର ପ୍ରତିଫଳନ ନୁହେଁ ବୋଲି ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି। ତେଣୁ ନିର୍ମାଣ ହେବାକୁ ଥିବା କଲ୍ୟାଣ ମଣ୍ଡପକୁ ସମସ୍ତ ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ଖାତା ନମ୍ବର-୧୪୨ର ୫୬୪ ନମ୍ବର ପ୍ଲଟରେ କରାଯିବାକୁ ଜିଲ୍ଲାପାଳଙ୍କ ନିକଟରେ ଅନୁରୋଧ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଝାରସୁଗୁଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବାରଖଣ୍ଡିଆ ଗ୍ରାମର ଶତାଧିକ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

ଅନ୍ୟପଟେ ବାରଖଣ୍ଡିଆ ଗ୍ରାମର ବିଭିନ୍ନ ସମସ୍ୟାକୁ ନେଇ ଶୁକ୍ରବାର ଲୋଇସିଂହ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇ ବାରଖଣ୍ଡିଆ ଗ୍ରାମର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ସହିତ ପ୍ରସ୍ତାବିତ ସ୍ଥାନରେ ହିଁ କଲ୍ୟାଣ ନିର୍ମାଣ ପାଇଁ ପ୍ରସ୍ତାବ ଗ୍ରହଣ କରିଥିବା ନେଇ ସୂଚନା ଦେଇଛନ୍ତି। ଏହି କଲ୍ୟାଣ ମଣ୍ଡପ ବାରଖଣ୍ଡିଆ ରୋହିଦାସପଡ଼ା ଠାରେ ନିର୍ମାଣ ପାଇଁ ୨୦୨୩ ଅଗଷ୍ଟ ୧୫ରେ ଅନୁଷ୍ଠିତ ହୋଇଥିବା ଗ୍ରାମସଭାରେ ପ୍ରସ୍ତାବ ହୋଇ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହା ପାରିତ ହୋଇ ଏମ୍‌ସିଏଲ ସିଏସଆର ଅଧୀନରେ କରିବାକୁ ଦିଆଯାଇଥିବା ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ କହିବା ସହିତ ବାରଖଣ୍ଡିଆ ଗ୍ରାମବାସୀଙ୍କ ତରଫରୁ ଜିଲ୍ଲାପାଳଙ୍କ ନିକଟରେ କରାଯାଇଥିବା ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି।

# ଚୋରା ଦେଶୀମଦ ବେପାରୀ ଗିରଫ

● ୧୨୮ ଲିଟର ମହୁଲି, ୯୭ ଲିଟର ଦେଶୀ ମଦ ଓ ୨୯ଟି ଫଏଲ୍ ଜବତ



ଇବଥର୍ମାଲ,୫।୬(ସମିସ): ବନହରପାଲି ଥାନାରେ ଗତ ଗୁରୁବାର ତେଲେନପାଲି ପଞ୍ଚାୟତର ମହିଳା ଓ ପୁରୁଷ ବେଆଇନ ମଦ କାରବାର ବିରୋଧରେ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ବନହରପାଲି ଆଇଆଇସି ବିନୋଦ କୁମାର ରାଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁଲିସ ଟିମ୍ ତେଲେନପାଲି ସ୍ଥିତ ପମ୍ପ ହାଉସପଡ଼ା, ସହରେଇପଡା, ବନହରପାଲି ଇତ୍ୟାଦି ଅଞ୍ଚଳର ୮ଟି ବେଆଇନ ମଦଭାଟିରେ ଚଢ଼ଉ କରି ବିପୁଳ ମଦ ଜବତ କରିବା ସହ ୮ ଜଣଙ୍କୁ ଗିରଫ କରିଛି।

ସେମାନେ ହେଲେ ପମ୍ପ ହାଉସପଡ଼ାର ରଘୁ ବାର୍ଲା (୬୦), ପର୍ଦ୍ଦେଶୀ ସୁନାନୀ (୬୦), ଭଗବାନ ଦାଶ (୫୧), ସୁନିଲ ଶ୍ରୀବାସ୍ତବ (୫୨), ଚନ୍ଦ୍ରମଣି ପରିଡ଼ା( ୫୮), ସହରେଇ ପଡ଼ାର ରବି ବାର୍ଲା (୨୮), ଅକ୍ଷ ଓରାମ (୩୦) ଓ ବନହରପାଲି ଗ୍ରାମର ଗୋବିନ୍ଦ ବୁଢ଼ା (୩୫)। ଏ ସମସ୍ତଙ୍କ ନାମରେ ମାମଲା ରୁଜୁ କରାଯାଇ ନୋଟିସ ଦେଇ ଛଡ଼ାଯାଇଛି। ଏହା ବ୍ୟତିତ ସରଣ୍ଡାମାଲ ପଞ୍ଚାୟତ ତଳିବାହାଲ ଗ୍ରାମରେ ଗତ ରାତିରେ ଚଢ଼ଉ କରି ୧୨୮ ଲିଟର ମହୁଲି ରନ୍ଧାମଦ ଜବତ ସହ ବାଲେ ଓରାମ (୪୪), ଲଛୁ ଓରାମ (୫୦), ଶିବପ୍ରସାଦ ଓରାମ(୩୮)ଙ୍କୁ ପୁଲିସ ଗିରଫ ଅବକାରୀ ଧାରାରେ ମାମଲା ରୁଜୁ କରି ତିନି ଜଣଙ୍କୁ କୋର୍ଟ ଚାଲାଣ କରିଛି। ଗତ ୫ ତାରିଖ ରାତିରେ ହୋଇଥିବା ଚଢ଼ଉରେ ମୋଟ ୯ଟି ମାମଲା ହୋଇଥିବା ବେଳେ ମହୁଲି ମଦ ୧୨୮ ଲିଟର, ବିଦେଶୀ ମଦ ୨୯ ଲିଟର, ବେଆଇନ ଭାଟି ମଦ ୯୭ ଲିଟର ଜବତ୍ ହୋଇଥିବା ଆଇଆଇସି ଶ୍ରୀ ରାଓଙ୍କ ଠାରୁ ପ୍ରକାଶ।

# ମଣ୍ଡିରୁ ଧାନ ଉଠାଣ ପାଇଁ ଚାଷୀଙ୍କ ରାସ୍ତାରୋକ



ନୂଆପଡା,୫।୬(ସମିସ):ନୂଆପଡା ଜିଲ୍ଲାରେ ବର୍ତ୍ତମାନ ଚାଲିଛି ରବି ଋତୁଧାନ କିଣା। ଆଗକୁ ବର୍ଷା ଋତୁ ଆସୁଥିବାବେଳେ ମଣ୍ଡିରୁ ଆଶାନୁରୂପ ଧାନ ଉଠାଣ ହେଉନାହିଁ ବୋଲି ଅସନ୍ତୋଷ ଚାଷୀମାନେ ନୂଆପଡା ଆସି ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଜାତୀୟରାଜପଥ ୩୫୩କୁ ଅବରୋଧ କରିବା ସହ ଧାରଣା ଦେଇଥିଲେ ପ୍ରଶାସନ ତରଫରୁ ଧାନ ଉଠାଣ ପାଇଁ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନା ଯୋଗ୍ୟ ଯେ ଜିଲ୍ଲାସ୍ତରୀୟ ଧାନ କିଣା କମିଟିର ଅନୁମୋଦନ କ୍ରମେ ଚଳିତ ବର୍ଷ ଗତ ମାସ ୨୦ ତାରିଖରେ ଖଡ଼ିଆଳରେ ରବି ମଣ୍ଡିର ଉଦ୍‌ଘାଟନ କରାଯିବା ସହ ଆସନ୍ତା ୨୫ ତାରିଖରୁ ଜିଲ୍ଲାର ସମସ୍ତ ମଣ୍ଡିରେ ଧାନ କ୍ରୟ ଆରମ୍ଭ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା। ଚଳିତ ବର୍ଷ ରବି ଧାନ ବିକ୍ରୟ ପାଇଁ ୧୯,୩୪୭ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ, ଏହା ଗତ ବର୍ଷ ତୁଳନାରେ ୬,୦୫୦ ଜଣ ଅଧିକ ଓ ପ୍ରାୟ ୪୫ ପ୍ରତିଶତ ବୃଦ୍ଧି ହୋଇଛି। ଏହି ବର୍ଷ ଜିଲ୍ଲାରେ ୪୬ଟି ଧାନ କ୍ରୟ କେନ୍ଦ୍ର ମାଧ୍ୟମରେ ଧାନ ସଂଗ୍ରହ କରାଯିବ। କୌଣସି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଧାନକ୍ରୟ ନ କରିବାକୁ କମିଟିରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ହେଲେ ଆଜିକୁ ପନ୍ଦର ଦିନ ଗଡିଯାଇଥିଲେ ମଧ ବିଭିନ୍ନ ବାହାନା କରି ମିଲର୍ସ ମାନେ ମଣ୍ଡିକୁ ଯାଉନାହାନ୍ତି। ଜିଲ୍ଲାର ସବୁଠାରୁ ବେଶୀ ଧାନ କିଣାଯାଉଥିବା ସାରାବଙ୍ଗ ମଣ୍ଡିରୁ ଧାନ ଉଠାଣ ହୋଇନଥିବା ନେଇ ଶୁକ୍ରବାର ଚାଷୀମାନେ ନୂଆପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅସନ୍ତୋଷ ପ୍ରକାଶ କରିଥିଲେ। ମଧ୍ୟାହ୍ନରେ ଚାଷୀମାନେ ରାଜରାସ୍ତାକୁ ଅବରୋଧ କରିଥିଲେ। ପରେ ଉପଜିଲ୍ଲାପାଳ ସୁର୍ମି ସୋରେନ ଆନ୍ଦୋଳନ ସ୍ଥଳକୁ ଆସି ଧାନ କିଣା ସ୍ୱାଭାବିକ କରାଯାଉଛି ବୋଲି କହିବାରୁ ଲୋକେ କ୍ଷାନ୍ତ ହୋଇଥିଲେ। ମଧ୍ୟାହ୍ନରୁ ସାରାବଙ୍ଗ ମଣ୍ଡିରେ ଉପନିବନ୍ଧକ ସମବାୟ ସମିତି ସମୂହ ଶିବ ପ୍ରସାଦ ସ୍ୱାଇଁ ପହଞ୍ଚିଥିବା ବେଳେ ମିଲର୍ସଙ୍କ ଟ୍ରକ୍ ମଧ ଆସି ଧାନ ଉଠାଣ କରିଥିଲା। ଆନ୍ଦୋଳନରେ ବିଜେଡି ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଷୀ, ଜିଲ୍ଲା ପରିଷଦ ସଭ୍ୟ ଭରତଲାଲ ରାଉତଙ୍କ ସହ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଚାରାରୋପଣ




ଝାରସୁଗୁଡା,୫।୬(ସମିସ): ଝାରସୁଗୁଡ଼ା ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଝାରସୁଗୁଡ଼ା ଆନୁକୁଲ୍ୟରେ ଝାରସୁଗୁଡା ବନଖଣ୍ଡ ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗରେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ତାଳପଟିଆଠାରେ ପିଲାମାନଙ୍କୁ ନେଇ ଏକ ଚାରାରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ଝାରସୁଗୁଡା ବନଖଣ୍ଡର ସହକାରୀ ବନ ସଂରକ୍ଷକ ଜ୍ଞାନେନ୍ଦ୍ର ଲିମା, ମୁଖ୍ୟ ଆଇନ୍ ସେବା ପ୍ରତିପକ୍ଷ ଓକିଲ ସାଜଦା ବେଗମ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅହଲ୍ୟା ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପରିବେଶ ସୁରକ୍ଷା, ବୃକ୍ଷରୋପଣର ଉଦ୍ଦେଶ୍ୟ ବିଷୟରେ ସଚେତନ କରାଇଥିଲେ। ଏହାସହ ଜିଲ୍ଲା ଆଇନ ସେବା ପ୍ରାଧିକରଣର ବିଭିନ୍ନ ଯୋଜନା ଯଥା ମାଗଣା ଆଇନ ସେବା, କ୍ଷତିପୂରଣ ଯୋଜନା, ଲୋକ ଅଦାଲତ ଓ ମଧ୍ୟସ୍ଥତା ମାଧ୍ୟମରେ କୋର୍ଟରେ ବିଚାରାଧୀନ ମାମଲା ଗୁଡ଼ିକର ସମାଧାନ, ଜାତୀୟ ହେଲ୍ପଲାଇନ ନମ୍ବର ୧୫୧୦୦ ଇତ୍ୟାଦି ବିଷୟରେ ଅବଗତ କରାଇଥିଲେ।

# ଖଡ଼ିଆଳ ବନାଞ୍ଚଳ ପକ୍ଷରୁ ବିଶ୍ୱ ପରିବେଶ ଦିବସ



ଖଡ଼ିଆଳ,୫।୬(ସମିସ):ନୂଆପଡା ଜିଲ୍ଲା ଖଡ଼ିଆଳ ବନାଞ୍ଚଳରେ ବିଶ୍ୱ ପରିବେଶ ଦିବସ ଖଡ଼ିଆଳ ବନାଞ୍ଚଳ ଅଧିକାରୀ ରେଞ୍ଜର ସୀତାରାମ ଶବରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି। ରେଞ୍ଜ କାର୍ଯ୍ୟାଳୟଠାରୁ ସମସ୍ତ ବନ ବିଭାଗର କର୍ମଚାରୀଙ୍କୁ ନେଇ ସଚେତନତା ପଦଯାତ୍ରା ବାହାରିଥିଲା। ପଦଯାତ୍ରା ସହର ପରିକ୍ରମା କରି ନଗରବନ ପର୍ଯ୍ୟନ୍ତ ଯାଇଥିଲା। ପଦଯାତ୍ରା ସମୟରେ ବନ କର୍ମଚାରୀମାନେ ହାତରେ ପ୍ଲାକାର୍ଡ ଧରି ପରିବେଶ ସୁରକ୍ଷା, ବୃକ୍ଷରୋପଣ ଏବଂ ଜଙ୍ଗଲ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେଇ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରିଥିଲେ। ଖଡ଼ିଆଳ ସହରର ନଗରବନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବର୍ତ୍ତମାନ ସମୟରେ ବିଶ୍ୱ ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଥିବା ବେଳେ,ପରିବେଶକୁ କିପରି ସୁରକ୍ଷିତ ରଖା ଯାଇପାରିବ ସେନେଇ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଫରେଷ୍ଟର ସୁଦାମ ବାଗ, ରାଜେଶ ହରିଜନ, ଘନଶ୍ୟାମ ଶବର, ଶିବରାମ ପଟେଲ, ମହାଦେବ ବନ୍ଧିଛୋର, ଦୁର୍ଯ୍ୟୋଧନ ଦୀକ୍ଷିତ ଏବଂ ସଞ୍ଜୟ ମାଝୀ। ବନ ସୁରକ୍ଷା ଗାର୍ଡ ଓ ଅନ୍ୟାନ୍ୟ କର୍ମଚାରୀ ପରମାନନ୍ଦ ତାଣ୍ଡି, ବିଜୁ ରାଉତରାୟ, ଅଜୟ ବନ୍ଦୀଛୋର, ମୋନାଲି ରାଉତ, ତପସ୍ୱିନୀ ସାଗର, ତାପସ ପତି, ତରୁଣ ତେଜି ଶଶାଙ୍କ ପୋଢ଼ ପ୍ରମୁଖ ସାମିଲ ହୋଇଥିଲେ।

# ଚାରାରୋପଣ କାର୍ଯ୍ୟକ୍ରମ

କେସିଙ୍ଗା,୫।୬(ସମିସ):ମାତ୍ରାଧିକ ଗଛ କଟା ଓ ଜଙ୍ଗଲ ହ୍ରାସ ଯୋଗୁଁ ଦିନକୁ ଦିନ ବିଗିଡିବାରେ ଲାଗିଛି ଫଳସ୍ୱରୂପ ଚଳିତ ବର୍ଷ ଖରା ରେ ପାରା ୪୫ ଡିଗ୍ରୀ ପାର ହୋଇ ରେକର୍ଡ ସୃଷ୍ଟି କରିଛି।ପରିବେଶକୁ ସନ୍ତୁଳନ କରିବା କରିବା ପାଇଁ ପରିବେଶବିତ୍‌ମାନେ ବୃକ୍ଷ ରୋପଣ ହିଁ ଏକ ମାତ୍ର ଉପାୟ ବୋଲି କହି ସମସ୍ତଙ୍କୁ ଗଛ ଲଗାଇବା ପାଇଁ ସଚେତନ କରାଉଛନ୍ତି।ଶୁକ୍ରବାର ବିଶ୍ୱ ପରିବେଶ ଦିବସ ଉପଲକ୍ଷେ କେସିଙ୍ଗା ଏନଏସି ପକ୍ଷରୁ ଡୁମେରମୁଣ୍ଡାସ୍ଥିତ ଏମଆରଏଫ ଏମସିସି ପରିସରରେ ଏନ୍‌ଏସି ସେନିଟେସନ ଏକ୍ସପର୍ଟ ପ୍ରଶାନ୍ତ ବାରିକଙ୍କ ତତ୍ତ୍ୱାବଧାନରେ କେସିଙ୍ଗା ନଗରପାଳ ନୃପରାଜ୍ ଯାଦବ, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ,ମୋହନ ସାହୁ, ଗଦାଧର ସିଂଦେଓ, କାଉନସିଲର ରମାକାନ୍ତ ଜେନା,ଧରଣୀ ନାଏକ ଓ ଅନ୍ୟାନ୍ୟ ୱାର୍ଡ କାଉନସିଲର, ଏନ୍‌ଏସି ର ସମସ୍ତ କର୍ମଚାରୀ,ସ୍ୱଚ୍ଛସାଥୀ ସୁପରଭାଇଜର ପ୍ରମୁଖ ପରିସରରେ ବିଭିନ୍ନ ଔଷଧୀୟ ଗଛ ଓ ଫଳମୂଳ ଚାରା ଲଗାଇଥିଲେ।

# ପୌରପରିଷଦ ପକ୍ଷରୁ ଚାରାରୋପଣ

ଦେବଗଡ଼,୫।୬(ସମିସ): ଦେବଗଡ଼ ପୌରପରିଷଦ ପକ୍ଷରୁ ୧୦ ନଂ. ୱାର୍ଡ ସ୍ଥିତ ସେପ୍ଟି ପ୍ଲାଣ୍ଟଠାରେ ବିଶ୍ୱ ପରିବେଶ ଦିବସ ଅବସରରେ ଚାରା ରୋପଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କଳିଙ୍ଗ ଆଶିଷ ଶତପଥିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ ପ୍ରମୁଖ ଯୋଗଦେଇ ଚାରା ରୋପଣ



କରିଥିଲେ। ପ୍ଲାଷ୍ଟିକ ବ୍ୟବହାର ରୋକିବା ସହ ବୃକ୍ଷ ରୋପଣ କରି ପୃଥିବୀକୁ ସବୁଜ ସୁନ୍ଦର କରିବାକୁ ମଞ୍ଚାସୀନ ଅତିଥି ଆହ୍ୱାନ ଦେଇଥିଲେ। ପରିବେଶ ଦିବସ ଅବସରରେ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ୧୧୦୦ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ୬ ନମ୍ବର ୱାର୍ଡ କାଉନସିଲର ଧର୍ମେନ୍ଦ୍ର ଦେବତା, ୯ ନମ୍ବର ୱାର୍ଡ କାଉନସିଲର ସରୋଜିନୀ ମୁଣ୍ଡା, ୧୦ ନମ୍ବର ୱାର୍ଡ କାଉନସିଲର ଇତିଶ୍ରୀ ମିଶ୍ର ଓ ୧୧ ନମ୍ବର ୱାର୍ଡ କାଉନସିଲର କାର୍ତ୍ତିକ ମହାକୁଳ, ପୌରପରିଷଦର କର୍ମଚାରୀ, ସ୍ୱଚ୍ଛ କର୍ମୀ ଓ ସ୍ୱଚ୍ଛସାଥୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିବା ବେଳେ ଡେପୁଟି କଲେକ୍ଟର ସୌମ୍ୟା ସୁଚିସ୍ମିତା ଧନ୍ୟବାଦ ଅର୍ପଣ କରିଥିଲେ।

# ଡୋଳାମଣି ସାହୁଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

ଭବାନୀପାଟଣା,୫।୬ (ସମିସ):ସଦର ବ୍ଲକ୍ ମାଲଗାଁ ପଞ୍ଚାୟତର କନ୍ଧବାନ୍ଧୋପଲାନିବାସୀ ଡୋଳାମଣି ସାହୁ ପ୍ରକୃତି ବନ୍ଧୁ ପୁରସ୍କାର-୨୦୨୬ ପ୍ରଦାନ କରାଯାଇଛି। ସେ ଏକା ଧାରରେ ଜଣେ ଶିକ୍ଷକ, ସମାଜସେବୀ ଓ ପରୋପକାରୀ



ଅଟନ୍ତି କ୍ଷ ଦୀର୍ଘ ଦିନରୁ ପରିବେଶ ସୁରକ୍ଷା ପାଇଁ ସ୍ଥାନୀୟ ଯୁବକ ସଂଘ, ବନ ସୁରକ୍ଷା ସମିତି, ମହିଳା ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ଙ୍କୁ ନେଇ ପରିବେଶ ସୁରକ୍ଷା, ବୃକ୍ଷରୋପଣ, ବନ୍ୟପ୍ରାଣୀ ସୁରକ୍ଷା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ମାନ ଆୟୋଜନ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ବର୍ତ୍ତମାନ କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ୍ ଗୁଣପୁର ବିଦ୍ୟାଳୟରେ କାର୍ଯ୍ୟରତ। ବଣପାହାଡ଼ ଘେରା ଥୁଆମୂଳ ରାମପୁର ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଜନସଚେତନତା ସଭା, ପଥପ୍ରାନ୍ତ ନାଟକ ଓ ଲିଫ୍ ଲେଟ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରି ବର୍ଷ ତମାମ ଜନସାଧାରଣଙ୍କୁ ସଚେତନ ବାର୍ତ୍ତା ଦେବା ଜାରି ରଖିଥାନ୍ତି।ବିଶ୍ୱ ପରିବେଶ ଦିବସ ଅବସରରେ ଜିଲ୍ଲା ପରିବେଶ ସମିତି ଓ ଜିଲ୍ଲା ପ୍ରଶାସନ ଶ୍ରୀ ସାହୁଙ୍କୁ ମାନପତ୍ର ସହ ଦଶ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଛନ୍ତି।

# ପ୍ରକୃତି ବନ୍ଧୁ ସମ୍ମାନ ପାଇଲେ ଦୁର୍ମାନ୍ୟ ଶବର




କୋକସରା,୫।୬(ସମିସ):କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍‌ଗମ୍ଭୀଗୁଡା ଗ୍ରାମର ପ୍ରକୃତି ପ୍ରେମୀ ଦୁର୍ମାନ୍ୟ ଶବରଙ୍କୁ ଚଳିତ ବର୍ଷର "ପ୍ରକୃତି ବନ୍ଧୁ' ସମ୍ମାନରେ ସମ୍ମାନିତ କରାଯାଇଛି। ପରିବେଶ ସୁରକ୍ଷା ଓ ପ୍ରକୃତିର ସଂରକ୍ଷଣ ଦିଗରେ ତାଙ୍କର ଉଲ୍ଲେଖନୀୟ ତଥା ନିରନ୍ତର ଅବଦାନ ପାଇଁ ତାଙ୍କୁ ସମ୍ମାନ ପ୍ରଦାନ କରାଯାଇଛି। ବିଶ୍ୱ ପରିବେଶ ଦିବସ ଅବସରରେ କଳାହାଣ୍ଡି ଉତ୍ତର ଏବଂ ଦକ୍ଷିଣ ବନଖଣ୍ଡ ଆନୁକୂଲ୍ୟରେ ଭବାନୀପାଟଣା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱତନ୍ତ୍ର ଭବ୍ୟ ସମାରୋହ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାପାଳ ସଚୀନ ପାୱାର, ଏଡିଏମ୍ ତନ୍ମୟ ଦୋରୱାନଙ୍କ ସମେତ ବନ ବିଭାଗର ଅନେକ ବରିଷ୍ଠ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ଅତିଥିମାନେ ଦୁର୍ମାନ୍ୟ ଶବରଙ୍କ ନିଷ୍ଠାପର ପରିବେଶ ସେବାକୁ ଉଚ୍ଚ ପ୍ରଶଂସା କରିବା ସହ ତାଙ୍କୁ ଆନୁଷ୍ଠାନିକ ଭାବେ "ପ୍ରକୃତି ବନ୍ଧୁ' ପୁରସ୍କାରରେ ସମ୍ମାନିତ କରିଥିଲେ। ମାଟି ଓ ପ୍ରକୃତିର ସୁରକ୍ଷା ପାଇଁ ତାଙ୍କର ଏହି ପ୍ରୟାସ ଆଜି ସମଗ୍ର କୋକସରା ଅଞ୍ଚଳ ପାଇଁ ଗର୍ବ ଆଣିଦେଇଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସାଧକ ପିତାମ୍ବର ଦାଶ
ମହା ବିଦ୍ୟାପୀଠ, ନୂଆନନ୍ଦ, ତିହିଡି
ଆବିର୍ଭାବ - ୧୮.୦୯.୧୯୬୪
ତିରୋଧାନ - ୨୭.୦୫.୨୦୨୬
ଆମ ମୁଣ୍ଡ ଉପରୁ ଆପଣଙ୍କ ହାତ ଉଠିଗଲା। ଆଜି ଏକାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ, ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାନ୍ତୁ।
ଶୋକସନ୍ତପ୍ତ: ସଂଗ୍ରାମ ଦାଶ, ଦଳିତ ଦାଶ, ଭବାନୀ, ରାମାନୁଜ, ଯଯାତି, ଝିଅ-ଜ୍ୱାଇଁ- ମନୋରଞ୍ଜନ, ଲୋକନାଥ, କୁନୁରୁ, ଚଣ୍ଡୀକା, ମୋନିକା, ଶୈଳ, ବଣ୍ଟି, ସୀମା, ତାନିଆ, ସିଦ୍ଧି, ବନ୍ଧୁବାନ୍ଧବ ଓ ପରିବାରବର୍ଗ

# ସ୍ୱତନ୍ତ୍ର ଗ୍ରାମସଭା ଓ ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା ଶିବିର

ଦେବଗଡ଼,୫।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ଆଜି ଦେବଗଡ଼ ଜିଲ୍ଲାର ସମସ୍ତ ଗ୍ରାମ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ସହ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜୁନ୍ ୧ରୁ ୪ ମଧ୍ୟରେ ସ୍ୱଚ୍ଛ ଗାଁ ସୁରକ୍ଷିତ ଜଳବାୟୁ କାର୍ଯ୍ୟକ୍ରମରେ ହୋଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ଅନୁଯାୟୀ ଘରୋଇ ବର୍ଜ୍ୟବସ୍ତୁକୁ ଚାରିଟି ପୃଥକ ଶ୍ରେଣୀ ଓଦା ବର୍ଜ୍ୟ, ଶୁଖିଲା ବର୍ଜ୍ୟ, ସାନିଟାରୀ ବର୍ଜ୍ୟ ଏବଂ ବିଶେଷ ଯତ୍ନ ବର୍ଜ୍ୟ ଭାବରେ ପୃଥକୀକରଣ କରିବା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। ନିୟମ ଅନୁସାରେ ବର୍ଜ୍ୟବସ୍ତୁ ଖୋଲା ସ୍ଥାନରେ ପକାଇବା, ପୋଡ଼ିବା କିମ୍ବା ଜଳାଶୟରେ ଫିଙ୍ଗିବା ଦଣ୍ଡନୀୟ ଅପରାଧ ବୋଲି ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ପଞ୍ଚାୟତ ସ୍ତରରେ ନୋଟିସ ବୋର୍ଡରେ ସଚେତନତା ବିଜ୍ଞପ୍ତି ପ୍ରଦର୍ଶନ, ଗ୍ରାମସଭାରେ ପାଠ କରାଯିବା ଏବଂ ସମସ୍ତ ୱାର୍ଡ ସଦସ୍ୟଙ୍କ ମାଧ୍ୟମରେ ଜନସାଧାରଣଙ୍କ ନିକଟରେ ସୂଚନା ପହଞ୍ଚାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଅଭିଯାନରେ ସ୍ୱଚ୍ଛତା, ଉତ୍ସସ୍ଥଳରେ ବର୍ଜ୍ୟ ପୃଥକୀକରଣ, ପ୍ଲାଷ୍ଟିକ ବର୍ଜ୍ୟ ନିୟନ୍ତ୍ରଣ ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯିବ। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପରିଷଦ ଦେବଗଡ଼ ପକ୍ଷରୁ ସମସ୍ତ ନାଗରିକଙ୍କୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମକୁ ପାଳନ କରି ସ୍ୱଚ୍ଛ, ସୁସ୍ଥ ଓ ପରିବେଶ ଅନୁକୂଳ ଗ୍ରାମ ଗଠନରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

■ ବେଲପାହାଡ କୋଲ୍ କରିଡର ପାଇଁ ଜନଶୁଣାଣି

# ଶିବିରକୁ ଜୋରାବଗାବାସୀଙ୍କ ବିରୋଧ

ଝାରସୁଗୁଡା,୫।୬(ସମିସ): ଝାରସୁଗୁଡା ଜିଲ୍ଲା ଲଖନପୁର ତହସିଲ ଅନ୍ତର୍ଗତ ବେଲପାହାଡ଼ ଠାରେ ୦/୦୦୦ କିମିରୁ ୨/୯୭୧ କିମି ୪.୨୮୦୦ ଏକର ପର୍ଯ୍ୟନ୍ତ ସର୍ଭିସ୍ ରୋଡ୍ ସହିତ ୪ ଲେନ୍ କ୍ୟାରେଜ ୱେ ବାଇପାସ ରୋଡ୍ ତଥା କୋଲ୍ କରିଡୋର ନିର୍ମାଣ ପାଇଁ ଭୂମି ଅଧିଗ୍ରହଣ ପାଇଁ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପ୍ରଶାସନ ଓ ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ ଝାରସୁଗୁଡାର ସହଯୋଗରେ ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦ କୋରାପୁଟ ଏହି ଜନ ଶୁଣାଣି ଶିବିରକୁ ସରକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ (ରାସ୍ତା ଓ ଘର) ଉପବିଭାଜନ ବେଲପାହାଡରେ ଆୟୋଜନ କରିଥିଲା।



ଝାରସୁଗୁଡା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଞ୍ଚଳବାସୀ ନିଜ ନିଜ ମତ ଉପସ୍ଥାପନ କରି ଥିବାବେଳେ ଜୋରାବଗା ଗ୍ରାମବାସୀ ଏହି କୋଲ କରିଡୋରକୁ ଦୃଢ଼ ବିରୋଧ କରିଛନ୍ତି। ଜୋରାବଗା ଗାଁକୁ ତିନି ପଟରୁ ଏମ୍‌ସିଏଲର କୋଇଲା ଖଣି ଘେରି ରହିଛି। ଏହାପରେ ଏହି କୋଲ୍ କରିଡୋରଟି ବେଲପାହାଡ ଘିଚାଘାଟ ନିକଟରୁ ଜୋରବଗା ଗାଁ ଦେଇ କୋଇଲା ଖଣି ଭିତରକୁ ଯାଉଛି। ଯାହାଦ୍ୱାରା ଜୋରାବଗା ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ପ୍ରଥମେ ସେମାନଙ୍କୁ ସମ୍ପୂର୍ଣ୍ଣ ବିସ୍ଥାପିତ କରାଯାଉ ପରେ ଏହି କୋଲ୍ କରିଡର ନିର୍ମାଣ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

ADMISSION OPEN FOR 2026-27
LOWEST COURSE FEE, BEST RESULT
SRI RAM HIGHER SECONDARY SCHOOL
+2 ARTS
Just Pay 5000/- & Take Admission
Contact: 9777369838 9861284719
SRI RAM SCHOOL & COLLEGE OF NURSING
ANM GNM & BSc. Nursing
Contact:9438671719, 9556245445
SOHELA, DIST.- BARGARH (ODISHA), PH: 9437393719
STIPEND FOR ST/SC & OBC STUDENTS

